# ହେଉନି ଧାନ ବିକ୍ରି, ଆନ୍ଦୋଳନ ମୁହାଁ ଚାଷୀ

ବଲାଙ୍ଗୀର,୨୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

■ଜିଲା କୃଷକ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

■୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗୀର ଜିଲାରେ ଧାନକିଣା ଅଚଳାବସ୍ଥା ଜାରି ରହିଛି। ମଣ୍ଡିରେ ଧାନ କିଣା ପ୍ରକ୍ରିୟା ସୂଚାରୁରୂପେ ଆରମ୍ଭ ହେଉ ନ ଥିବାରୁ ଜିଲାର ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଟୋକନ ସମସ୍ୟାରୁ ଜିଲାର ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଶନିବାର ବଲାଙ୍ଗୀର ଜିଲା କୃଷକ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୃଷକ ସଂଘ ଉପଦେଷ୍ଟା ବୁଲୁ ଦାନୀଙ୍କ ସଂଯୋଜନାକ୍ରମେ ଏବଂ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ପ୍ରେରଣ କରିଥିଲେ। ଜିଲାରେ ତୁରନ୍ତ ସମସ୍ତ ମଣ୍ଡି ଖୋଲାଯାଇ ଚାଷୀଙ୍କ ଧାନ କ୍ରୟ କରାଯିବାକୁ ସେମାନେ ଦାବି କରିଛନ୍ତି। ଏହା ସହିତ ଧାନ କ୍ରୟ କେନ୍ଦ୍ରରେ ମିଲ ମାଲିକଙ୍କ ଉପସ୍ଥିତିକୁ ବାରଣ କରାଯାଇ କଟନିଛଟନି ବନ୍ଦ କରାଯାଉ, କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୬୯ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ବୋନସ ମିଶାଇ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ମଣ୍ଡି ଗୁଡିକରେ ସିସି ଟିଭି କ୍ୟାମେରା ବନ୍ଦୋବସ୍ତ କରାଯିବା, ଧାନକିଣା ବିଳମ୍ବ ହେବା ଯୋଗୁ ଧାନର ଆଦ୍ରତା କମି ଧାନର ଓଜନ ହ୍ରାସ ପାଉଥିବାରୁ ଚାଷୀଙ୍କୁ ଏହାର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନ ସରକାର କିଣିବା, ଦେଓଗାଁ ବ୍ଲକର ୧୪ଟି ପଞ୍ଚାୟତରେ ହୋଇଥିବା ମରୁଡିଜନିତ କ୍ଷତିର ଆକଳନ କରି ତାର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଦାବି ଗୁଡିକ ୭ ଦିନ ମଧ୍ୟରେ ପୂରଣ ନ କଲେ ସଂଘ ପ୍ରଶାସନର ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବ ବୋଲି ଚେତାବନୀ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ଏଡିଏମ୍ ଡ. ବିଜୟାନନ୍ଦ ସେଠୀ ଗ୍ରହଣ କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଉମାକାନ୍ତ ସାହୁ, ମନମୋହନ ପଟେଲ, ସୋମନାଥ ପଟେଲ, ଅସୀତ ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, ଅଙ୍କିତ ସାହୁ, ଜ୍ୟୋତିଷ ମୁଗ୍ରୀ, ସୀତାରାମ କୁମ୍ଭାର, ପପୁ ପାତ୍ର, କାନ୍ତେ ପ୍ରଧାନ, ଗଉନ୍ତିଆ ବେଣୁଧର ସାଏ ଉଦ୍‌ବୋଧନ ଦେଇଥିଲେ। ଉପଦେଷ୍ଟା ମଣ୍ଡଳୀର ପ୍ରଫୁଲ୍ଲ ଦାଶ, ଅନନ୍ତ ଚୌହାନ, ମନୀଷ ମିଶ୍ର, ସନ୍ତକ ବହିଦାର, ଲଳିତ ପଟେଲ, ଶାନ୍ତନୁ ସିଂ, ସୁନିଲ ପଟେଲ, ଅଜୟ ବାଲି, ମନୋଜ ରଣା, ସରୋଜ ପଧାନ, ପ୍ରସନ୍ନ ବାରିକ, ଦେବହରି ବାଗ, ବ୍ରଜ କିଶୋର ସେଠୀ, ସମୀର କୁମ୍ଭାର, ସଞ୍ଜୟ ମିଶ୍ର, କୈଳାସ ମିଶ୍ର, ଭୁଲୁ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସଂଘ ସମ୍ପାଦକ ସରୋଜ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।



ବଲାଙ୍ଗୀର ଜିଲା କୃଷକ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

ଟିଟିଲାଗଡ଼,୨୦।୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପିପିଲପଦର ସ୍ଥିତ ମାତୃ ଓ ଶିଶୁ ଡାକ୍ତରଖାନାରେ ଶୁକ୍ରବାର ସନ୍ଧ୍ୟାରେ ୨ବର୍ଷର ଶିଶୁ ମୃତ୍ୟୁକୁ ନେଇ ଶନିବାର ଟିଟିଲାଗଡ଼ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ସାରା ଡାକ୍ତରଖାନାରେ ନିଜ ମୃତ ଶିଶୁ ପୁତ୍ରକୁ ଧରି ମା' ବାପା ରହିବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା । ସୂଚନା କ୍ରମେ ସିନ୍ଧେକେଲା ଥାନା ଅଧିନସ୍ଥ ଦେହେଲି ଗାଁର ପିତା ଭୁବନେଶ୍ୱର ସାହୁ ଏବଂ ଜାହ୍ନବୀ ନିଜର ୨ବର୍ଷର ଶିଶୁ ଅଭିନାଶ ଅସୁସ୍ଥ ହେବାରୁ ପ୍ରଥମେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ସେଠାକାର ଡାକ୍ତର ଶିଶୁର ଅବସ୍ଥା ଗୁରୁତର ଥିବା ନେଇ ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାକୁ ରେଫର କରିଥିଲେ । ଶିଶୁକୁ ଶୁକ୍ରବାର ସନ୍ଧ୍ୟା ୬ଟାରେ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସନ୍ଧ୍ୟା ୭ଟାରେ ଚିକିତ୍ସା ଅଭାବରୁ ଶିଶୁର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ମା' ବାପା ଶିଶୁର ମୃତଦେହକୁ ତତ୍କାଳ ନେଇଯିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଅନୁମତି ମିଳି ନ ଥିବା ଅଭିଯୋଗ ହୋଇଛି। ଏନେଇ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକଙ୍କୁ ଯୋଗାଯୋଗ କରିବାରୁ କୌଣସି ବିଷ ପ୍ରତିକ୍ରିୟାରେ ଶିଶୁ ମୃତ୍ୟୁ ସନ୍ଦେହ ନେଇ ବ୍ୟବଚ୍ଛେଦ ପାଇଁ ରାତିରେ ରଖାଯାଇଥିଲା। ଡାକ୍ତର ଏବଂ ନର୍ସ ମୃତଦେହ ମରଚୁରିରେ ରଖିବାକୁ ଅନୁରୋଧ ସତ୍ତ୍ୱେ ପରିବାର ଶିଶୁଟିକୁ ନିଜ ପାଖରେ ରଖିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଡା. ନାୟକ କହିଛନ୍ତି ।

# ପାଠ୍ୟକ୍ରମ ପାଠଚକ୍ର 'ଭୋକିଲା ମଣିଷର ଜୀବନ ଗାଥା: ନାଟକ ଭୁଖା'



ପାଠ୍ୟକ୍ରମ ପାଠଚକ୍ରରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶନିବାର ଅଷ୍ଟମ ପାଠ୍ୟକ୍ରମ ପାଠଚକ୍ର 'ଭୋକିଲା ମଣିଷର ଜୀବନ ଗାଥା, ନାଟକ ଭୁଖା' ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ଅଧ୍ୟାପକ ବାମଦେବ ମେହେର ଅଧକ୍ଷତା କରିଥିଲେ। ଅନୁଷ୍ଠିତ ପାଠଚକ୍ରରେ ଇଂରାଜୀ ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର ଅତିଥି ଭାବେ ଯୋଗଦାନ କରି ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ରଚିତ ଭୁଖା ନାଟକ ଆମ ଭାଷାର ଏକ କ୍ଲାସିକ ବୋଲି କହିଥିଲେ। ତୃତୀୟ ବର୍ଷର ଛାତ୍ରୀ ଝୁମି ସାହୁ ଓ ରିତେଲ କୁଶଲ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ଜ୍ୟୋତ୍ସ୍ନା ସାହୁ, ଗୀତାଞ୍ଜଳି ସାହୁ, ଗୌତମ ସାହୁ, ଯଶୋବନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ.ଲିଙ୍ଗରାଜ ମେହେର ସଭାକୁ ସଂଯୋଜନା କରିଥିଲେ। ସୋମନାଥ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୨୪ରେ ମିଳିତ କୃଷକ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବଲାଙ୍ଗୀର,୨୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଧାନକିଣା ଅବ୍ୟବସ୍ଥା ପ୍ରତିବାଦରେ ମିଳିତ କୃଷକ ମଞ୍ଚ ପକ୍ଷରୁ ଆସନ୍ତା ୨୪ ତାରିଖ ୪ଟି ଜିଲାର ଚାଷୀ ସଙ୍ଗଠନ ମିଳିତ ଭାବେ ନିଜ ଜିଲାରେ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ଜିଲାର ମଣ୍ଡି ଓ ଧାନ ଖଳାରେ ଚାଷୀମାନଙ୍କ ଧାନ ପଡିରହିଥିଲେ ମଧ୍ୟ ପ୍ରଶାସନ ଧାନ କିଣୁ ନାହାନ୍ତି। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଟୋକନ ସମସ୍ୟାର ସମାଧାନ ହୋଇନାହିଁ। ଏହି ଘଟଣାକୁ ନେଇ ବଲାଙ୍ଗୀର ଜିଲାର ବିଭିନ୍ନ ଚାଷୀ ସଙ୍ଗଠନ ମିଳିତ କୃଷକ ମଞ୍ଚର ଆବାହକତ୍ୱରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାପଡିଛି। ସୋନପୁର ଜିଲାର ଚାଷୀ ସଙ୍ଗଠନମାନେ ବୈକୁଣ୍ଠ ଶତପଥିଙ୍କ ଆବାହକତ୍ୱରେ, କଳାହାଣ୍ଡି ଜିଲାର ଚାଷୀ ସଙ୍ଗଠନ ସୁରେଶ ରାଓଙ୍କ ଆବାହକତ୍ୱରେ ଏବଂ ନୂଆପଡା ଜିଲାର ଚାଷୀ ସଙ୍ଗଠନ କମଳ ଚରଣ ତାଣ୍ଡିଙ୍କ ଆବାହକତ୍ୱରେ ଆସନ୍ତା ୨୪ ତାରିଖରେ ସେମାନଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିବା ନିଷ୍ପତ୍ତି ହୋଇଥିବା ମିଳିତ କୃଷକ ମଞ୍ଚର ଆବାହକ ଆକାଶ ମିଶ୍ର ଓ ଜିଲା କୃଷକ ମହାସଂଘର ଉପସଭାପତି ସୌମେନ୍ଦ୍ର ପରିଚ୍ଛା ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

ବେଲପଡା,୨୦।୧୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ କୀର୍ତ୍ତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ ଓ ନୂତନ ଭାବେ ଚିହ୍ନଟ କରଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ଚତୁର୍ଭୁଜ ମିର୍ଦ୍ଧା, ଭୁବନେଶ୍ୱର ଆଲିମିକୋ ଧରିତ୍ରୀ ଗଡତିୟା (ଅଡ଼ିଓଲୋଜିଷ୍ଟ), ଅନନ୍ୟା ଓଝା (ପିଏଣ୍ଡଓ)ରାମ ପ୍ରସାଦ ମହାଲିଙ୍ଗ, ନେତ୍ରାନନ୍ଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଶିବିରଟି ବିଆରଟି ରାମ ପ୍ରସାଦ ମହାଲିଙ୍ଗ ଓ ନେତ୍ରାନନ୍ଦ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଶିବିରରେ ପୂର୍ବରୁ ଚିହ୍ନଟ ହୋଇଥିବା ୪୧ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମିଶ୍ରଙ୍କ ଦ୍ୱାରା ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ୨୧ଜଣ ଛାତ୍ରୀଛାତ୍ରଙ୍କୁ ନୂତନ ଭାବରେ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଲାପ କୁମାର ବିଶ୍ୱାଳ ଓ ଆଶୁତୋଷ ଠାକୁର୍ ପରିଚାଳନା କରିଥିଲେ। ଶିକ୍ଷକ ଅନିଲ କୁମାର ଧରୁଆ, ସୂର୍ଯ୍ୟକାନ୍ତି ଦାସ, ସୁଚିତ୍ରା ସାହୁ, ଅନିତା ମେହେର, ପାଣ୍ଡବ ତାଣ୍ଡି, ହାରବତି ପଧାନ, ଟିକେଶ୍ୱରୀ ମିର୍ଦ୍ଧା ଓ ଦେବାଶିଷ ଗଡତୀୟା ସହଯୋଗ କରିଥିଲେ।

# ଟ୍ରେନ୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, ୨୦।୧୨(ଗୁରୁଦୟାଳ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେସନର ୧ନମ୍ବର ପ୍ଲାଟଫର୍ମରେ ଗୁରୁବାର ରାତି ୧୨ଟାରେ ଲାଗିଥିବା ଏକ ଟ୍ରେନ୍‌ର ଏସି ବଗିରୁ ଗଞ୍ଜେଇ ଜବତ ହୋଇଛି। ବିଶାଖାପାଟଣା –ଭଗତକୋଠି ଏକ୍ସପ୍ରେସ ଟ୍ରେନର ଏସି ବଗି ଏମ୧ ବର୍ଥ ନଂ. ୨ରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କୁ ରେଳ ସୁରକ୍ଷା ବଳ ସନ୍ଦେହ କରିଥିଲେ। ସେ ସାଙ୍ଗରେ ଆଣିଥିବା ୨ଟି ବ୍ୟାଗ ଓ ଗୋଟେ ଟ୍ରଲି ବ୍ୟାଗ ଯାଞ୍ଚ କଲା ପରେ ୧୪.୮୫୦କେଜି ଗଞ୍ଜେଇ ଜବତ କରିଛି ରେଳ ସୁରକ୍ଷା ବଳ। ଶନିବାର ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ରାଉତଙ୍କ ଉପସ୍ଥିତିରେ ୯ ପକେଟରୁ ଗଞ୍ଜେଇ ଜବତ କରାଯାଇ ରେଳ ସୁରକ୍ଷାବଳ ଜିଆରପି ପୋଲିସକୁ ହସ୍ତାନ୍ତର କରିଛି। ପରେ ଜିଆରପି ଥାନାରେ ଏକ ମାମଲା (ନଂ.୧୩୯/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ରାଜସ୍ଥାନ କୋଟା ଜିଲାର ଉମାଶଙ୍କର କୁନ୍ୟାତ ବୋଲି ଜିଆରପି ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ମକାରୁ ସାହୁ କହିଛନ୍ତି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ କଣ୍ଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଚଢାଉବେଳେ ରେଳସୁରକ୍ଷା ବଳ ଏସ୍‌ଆଇ ସୁଦାମ ଚରଣ ପଣ୍ଡା, ଏଏସଆଇ ପରମା ନନ୍ଦ ଭାଟି, ରେଳ ସିପିଡ଼ିଏସ ଏଏସଆଇ ମଙ୍ଗଳ ସିଂ, ଆରପିଏଫ କ୍ରାଇମବ୍ରାଞ୍ଚ କନଷ୍ଟେବଳ ଅଶୋକ ବେହେରା, ଏସ.କେ ଦାସ ପ୍ରମୁଖ ସାମିଲ ଥିଲେ।



ଅଭିଯୁକ୍ତଙ୍କ ସହ ରେଳ ସୁରକ୍ଷା ବଳ କର୍ମଚାରୀ।

# ପୋଲ ତଳକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ଦେଓଗାଁ,୨୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସିକୁଆଁ ଗାଁ ନିକଟ ସୋନଗଡ ନଦୀ ପୋଲତଳକୁ ଡେଇଁ ଆନନ୍ଦ କୁମୁରିଆ ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଶନିବାର ସକାଳୁ ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି। ସିକୁଆଁ ଗାଁର ଆନନ୍ଦ କୁମୁରିଆ (୨୯) ଘରେ ଝଗଡ଼ା କରି ଶୁକ୍ରବାର ରାତି ପ୍ରାୟ ୯ଟାରେ ଘରୁ ଆସି ଆଉ ଫେରି ନ ଥିଲେ । ସକାଳେ ପୋଲ ତଳେ ତାଙ୍କ ମୃତଦେହ ଠାବ ହୋଇଥିଲା ଓ ପରିବାର ଲୋକେ ଚିହ୍ନଟ କରିଥିଲେ।

### ରାମଜୀ କଳାପରିଷଦର ବନ୍ଧୁମିଳନ

ଦେଓଗାଁ,୨୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ରାମଜୀ କଳାପରିଷଦ ପକ୍ଷରୁ ପର୍ଯ୍ୟଟନସ୍ଥଳୀ ଭୀମପାହାଡରେ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାକାର ଶରତ କୁମାର ପୁଟେଲଙ୍କ ସଭାପତିତ୍ୱ ତଥା ସୁରଥ ଧରୁଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ରାମଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ କଳା,ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ସମସ୍ତେ ଚେଷ୍ଟିତ ହେବା ଜରୁରୀ ବୋଲି କହିଥିଲେ। ଅନୁଷ୍ଠାନ ତରଫରୁ ବରିଷ୍ଠ କଳାକାର ରାମଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୀବର୍ଦ୍ଧନ ପଧାନ, ରମାକାନ୍ତ ମିଶ୍ର, ଡୁଲେଶ୍ୱର କଲତା, ରାଜକୁମାର ନାଏକ, ସୋମନାଥ ନାଏକ, ବିଭୀଷଣ ମାଝୀ, ସତ୍ୟଜିତ ବଗର୍ତ୍ତି, ଶୁଶିଳ ଭୋଇ,ମହେନ୍ଦ୍ର ସାହୁ, ଶରତ ମେହେର, ସୁଦାମ କୁଦେଇ, କୃଷ୍ଣଚନ୍ଦ୍ର ପଧାନ, ଭୋପାଳ ପଧାନ ଯୋଗଦେଇଥିଲେ।

# କଣ୍ଟାବାଞ୍ଜି ଲୋକ ମହୋତ୍ସବ ଶୁଭାରମ୍ଭ

## ସମ୍ବଲପୁରୀ, ଡାଲଖାଇ, ମାଏଲା ଯାଡୋ, ଢାପ, ଘୁଡୁକୁଡୁ, ବଜନିଆରେ ଦୁଲୁକିଲା ସାଂସ୍କୃତିକ ମଞ୍ଚ

କଣ୍ଟାବାଞ୍ଜି,୨୦।୧୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବାଳକ ହାଇସ୍କୁଲ ପଡିଆରେ ୭ମ ଲୋକ ମହୋତ୍ସବ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ସାଂସ୍କୃତିକ ମଞ୍ଚରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲ ସମ୍ମାନିତ ଅତିଥି, ମହୋତ୍ସବ କମିଟିର କୋଷାଧ୍ୟକ୍ଷ ଅନିଲ ଅଗ୍ରୱାଲ, ସମ୍ପାଦକ ଚିନ୍ମୟ କୁମାର ଯୋଷୀ, ସାଂସ୍କୃତିକ ସମ୍ପାଦକ ଅମର ବାଗ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟିର ସଭାପତି ଅଶୋକ ଦାଶଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ, ଡାଲଖାଇ, ମାଏଲା ଯାଡୋ, ଢାପ, ଘୁଡୁକୁଡୁ, ବଜନିଆରେ ମଞ୍ଚ ଦୁଲକିଲା । ପ୍ରବଳ ଥଣ୍ଡା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଲୋକେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



ପ୍ରଥମ ଦିନର ମଞ୍ଚରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା।

# ବୁଢ଼ିପଦର ବିଦ୍ୟାଳୟର ବାର୍ଷିକ ଉତ୍ସବ




ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମାଳୟା ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କୁଶଙ୍ଗ କଲେଜର ଅଧକ୍ଷ ପରମେଶ୍ୱର ସିଂ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀ ପଧାନ, ଅବସରପ୍ରାପ୍ତ ଶିକ୍ଷକ ମହାବୀର ପଧାନ, ଜ୍ୟୋତିରଞ୍ଜନ ସା, ଗୌରାଙ୍ଗ ନାଏକ, ସାଇଶଙ୍କର ସାହୁ, ସଦାନନ୍ଦ ସାହୁ, ବ୍ରଜକିଶୋର ନାଗ, ଚନ୍ଦ୍ରମଣୀ ରାଉତ, ବିଭୀଷଣ ପଧାନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିବା ସହିତ ମାର୍ଗଦର୍ଶନ କରିଥିଲେ। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କରୁଣାକର ପଟେଲ, କରୁଣାକର ପଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷକ ଅମ୍ବୁଜ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସରପଞ୍ଚ ଲକ୍ଷ୍ମୀ ପଧାନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

# କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ସାଙ୍ଗଠନିକ ସଭା

ପାଟଣାଗଡ଼୨୦।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସି କଲେଜ ଛକ ସ୍ଥିତ ଗଙ୍ଗାଧର ପାର୍କ ଠାରେ ଶନିବାର କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ପକ୍ଷରୁ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହେଇଯାଇଛି। ଉକ୍ତ ସଭାରେ ଉପଖଣ୍ଡ ସଭାପତି ଗିରିରାଜ ଭୋଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସଂଯୁକ୍ତ କୃଷକ ସଙ୍ଗଠନର ଆବାହକ ଅଜିତ କୁମାର ଶତପଥୀ ଯୋଗଦେଇଥିଲେ। ସଭାରେ କୋଶଳାଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପିଇବା ପାଣି, ଜଳସେଚନ, ଜଳ, ଜମିନ, ଜଙ୍ଗଲ, ଦାଦନ, ବେକାରୀ, ଖଣି ଖାଦାନ, ଟାଟା ପାୱାରର ଶୋଷଣ, ଚାଷୀ ମାନଙ୍କର ଧାନ ବିକ୍ରିରେ ବିଳମ୍ବ ବିଷୟରେ ସବିଶେଷ ଆଲୋଚନା କରା ଯାଇଥିଲା। ଅନେକ ଚାଷୀଙ୍କର ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରି ଟୋକନ ଆସିନାହିଁ। ପଶ୍ଚିମ ଓଡ଼ିଶାରେ ଭିତ୍ତିଭୂମି ଥାଇ ସୁଦ୍ଧା ଏଠାରେ କପା ସୁତା କଳ କାରଖାନା ନାହିଁ। ଆଖୁ କାରଖାନା ବନ୍ଦ। କେନ୍ଦୁପତ୍ରରୁ ବିଡ଼ି ତିଆରି କାରଖାନା ନ କରି ବାହାରକୁ ରପ୍ତାନି କରୁଛନ୍ତି। କେବଳ ଖଣି ଖାଦାନକୁ ଶାଗ ମାଛ ଦରରେ ଆଦାନୀ ଅମ୍ବାନୀ ହାତରେ ଟେକି ଦେବାକୁ ଯୋଜନା କରୁଛି ବୋଲି କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ଅଭିଯୋଗ କରିଛି । ଏହି ସମସ୍ୟା ମାନଙ୍କର ସ୍ଥାୟୀ ସମାଧାନ ପାଇଁ ଆଗାମୀ କମ ଦିନ ଭିତରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ସଭାରେ ଜନସନ ନାଗ, ଜନାର୍ଦ୍ଦନ ସିଂ,ପ୍ରକାଶ ସାହୁ,ଚିନ୍ମୟ ପାତ୍ର,ଡାକ୍ତର ପଶାୟତ, ସୁଶୀଲ ରଣା, ପିଣ୍ଟୁ ସେନ୍ଦ୍ରିୟା, ନିରୋଜ ପଟେଲ, ଗଙ୍ଗା ମହାଲିଙ୍ଗ, ରାମ ଚନ୍ଦ୍ର ମେହେର, ହୃଷିକେଶ ଭୋଇ, ଦୀନବନ୍ଧୁ ରାଓ, ବେଣୁ ହୋତା, ଆଲୋକ ବୁଡ଼େକ, ମଦନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଉପଖଣ୍ଡ ସମ୍ପାଦକ ଜଗନ ମେହେର ପରିଚାଳନା କରିଥିଲେ।

# ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଏଡିଇଓଙ୍କ ଠାରେ ଫେରାଦ

ଲାଠୋର,୨୦।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଞ୍ଚାୟତ ସଦର ଗ୍ରାମରେ ଥିବା ଇନ୍ଦିରା ଗାନ୍ଧୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମ୍ପିତ କୁମାର ତରିଆ ଏବଂ ସହଯୋଗୀ ଶିକ୍ଷକ ଅଭିଭାବକମାନଙ୍କୁ ଶୋଷଣ କରିବା ସହ ମନମୁଖୀ କାର୍ଯ୍ୟ କଳାପ ଚଲାଇଛନ୍ତି । ଏହାକୁ ପ୍ରତିବାଦ କରି ଶୁକ୍ରବାର ଅଭିଭାବକ ମନୋଜ ବୁଡ଼େକ, ଡୋଲାମଣି ବୁଡେକ, ସୁବନାଥ ନାଗ, ଅଶୋକ ପରାଭୁଏ, କୈଳାଶ ଭୋଇ, ହରେକୃଷ୍ଣ ଜାନି ଏବଂ ପରମା ବାଗ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏଡ଼ିଇଓ) ପ୍ରବୀର ପଣ୍ଡାଙ୍କ ଠାରେ ଫେରାଦ ହୋଇ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ଯଥାଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଅଭିଭାବକମାନଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ରରେ ନବମ ଶ୍ରେଣୀରେ ନାମ ଲେଖାଯାଉ ଥିବା ଛାତ୍ରୀଛାତ୍ରମାନଙ୍କ ଠାରୁ ୫ ଶହରୁ ୨ ହଜାର ଟଙ୍କା ଦାବି କରାଯାଉଛି । ଗରିବ ଏବଂ ଦାଦନ ପରିବାର ବର୍ଗରୁ ଆସୁଥିବା ପିଲାମାନେ ମୂଲ ଲାଗି ଟଙ୍କା ଆଣି ଦେଉଥିବା ଉଲ୍ଲେଖ ରହିଛି । ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ଥିଲେ ମଧ୍ୟ ଅଧିକ ଦର୍ଶାଇ ମଧ୍ୟାହ୍ନଭୋଜନ ଚାଉଳ ଏବଂ ଟଙ୍କା ହଡ଼ପ କରାଯାଉଛି। ୨୦୨୪–୨୫ ଶିକ୍ଷା ବର୍ଷରେ ଖେଳ ସାମଗ୍ରୀ କିଣିବା ପାଇଁ ଆସିଥିବା ଅନୁଦାନରେ କୌଣସି ପ୍ରକାର ଖେଳ ସାମଗ୍ରୀ କିଣାଯାଇ ନାହିଁ। ଉକ୍ତ ଅନୁଦାନ ଟଙ୍କା ମଧ୍ୟ ହଡ଼ପ କରାଯାଇଛି । ବିଦ୍ୟାଳୟ କୁ ପର୍ଯ୍ୟାପ୍ତ ପରିମାଣରେ ଅନୁଦାନ ଆସୁଥିଲେ ମଧ୍ୟ ସଫା ସୁତୁରା କରାଯାଉ ନାହିଁ। ପରିସର ମଇଳା ଆବର୍ଜନାରେ ପରିପୂର୍ଣ ହୋଇ ଉଇହୁଙ୍କା ହୋଇଛି । ଫଳରେ ବିଷାକ୍ତ ସରୀସୃପ ପରିସରରେ ଚଳପ୍ରଚଳ ହେତୁ ଛାତ୍ରୀଛାତ୍ର ତଥା କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଏସଏମଡିସିର ସଭ୍ୟ ହେବା ସରକାରୀ ନିୟମ ରହିଛି । ହେଲେ ଗତ ୨୦୧୭ ମସିହାରେ ଗଠନ ହୋଇଥିବା ଏସଏମଡିସି ଆଜିଯାଏ ବଳବତ୍ତର ରହିଛି । ଫଳରେ ବିଦ୍ୟାଳୟ ଉନ୍ନୟନ ପାଣ୍ଠିର ସଦବିନିଯୋଗ ହୋଇପାରୁ ନାହିଁ । ଏନେଇ ଏଡିଇଓ ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି ଡିଇଓଙ୍କୁ ଅବଗତ କରି ବିହୀତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ପ୍ରଧାନ ଶିକ୍ଷକଙ୍କ ବେନିୟମ କାର୍ଯ୍ୟକଳାପର ବିଭାଗୀୟ ତଦନ୍ତ କରି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟଥା ବିଦ୍ୟାଳୟରେ ତାଲା ପକାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି । ଏହି ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷକ ସମ୍ପିତ କୁମାର ତରିଆଙ୍କୁ ପଚାରିବାରୁ ସେ ଏହାକୁ ମିଥ୍ୟା ବୋଲି କହିଛନ୍ତି। କେତେଜଣ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଛନ୍ତି କହି ତଦନ୍ତ ହେଲେ ସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବାଲିଶଙ୍କରା ଏସ୍‌ଟି ଜନ ବସ୍କୋ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ

ବାଲିଶଙ୍କରା,୨୦ା୧୨
(ହୃଦାନନ୍ଦ ବାରିକ):

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ଏସଟି ଜନ ବସ୍କୋ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ କ୍ରୀଡା ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡା ମହୋତ୍ସବରେ ମୁଖ୍ୟ ଅତିଥିଭାବେ ତଲସରା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ଯୋଗଦେଇ ପାଠ ସହ କ୍ରୀଡା ଅତ୍ୟନ୍ତ ଜରୁରୀ, କ୍ରୀଡା ମାଧ୍ୟମରେ ନିଜ ଭବିଷ୍ୟତ ଗଠନ କରିପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲର ଡାଇରେକ୍ଟର ଅଶୋକ ଖାଲଖୋଙ୍କ ସଭାପତିତ୍ୱରେ ଚାଲିଥିବା କ୍ରୀଡା ମହୋତ୍ସବରେ ସମ୍ମାନିତ ଅତିଥିଭାବେ ପ୍ରିନ୍ସପାଲ ବିଜୟ ଏକ୍କା, ତଲସରା ଥାନା ଏସଆଇ ସୁବାଷ ମିରିକ, ବିଦ୍ୟାଳୟ ଏସଏମସି ମେମ୍ବର ବସନ୍ତ ତାଜନ, କାର୍ତ୍ତିକ ସାହୁ, ବାବୁଲାଲ ସା, ହେମନ୍ତ ନାଏକ, ନନ୍ଦନ ସିଂ, ବନମାଳୀ ବାରସତିଆ, ଯୋଗଦେଇ କ୍ରୀଡା ପାଇଁ କଠିନ ପରିଶ୍ରମ ନିତାନ୍ତ ଦରକାର ହେଲେ ଜଣେ ସୁନାମ ଧନ୍ୟ ଖେଳାଳି ହୋଇପାରିବ ବୋଲି ମତ ଦେଇଥିଲେ। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ରାଜେଶ ଇଣ୍ଡୱାର, ଚିନ୍ମୟ ସାହୁ, ରକି ନେଲସନ ଲାକ୍ରା, ଆଲମା କାନ୍ତି ଲାକ୍ରା, ସୁସ୍ମିତା ସାଏ, ଜଷ୍ଟିନା ଲାକ୍ରା, ସୁସ୍ମିତା ବାରା, ସୁସ୍ମିତା ଏକ୍କା, ମନ୍ଦାକିନୀ ଭୈସାଲ, ଆରତୀ ବାର୍ଲା, ଆଡଲିନା ସରେଙ୍ଗ, ସୁନନ୍ଦିତା କୁଲୁ, କୁମୁଦିନୀ ମିଞ୍ଜ, ଅରୁକେଶ ବେହେରା ଯୋଗଦେଇ ଏହି ବାର୍ଷିକ କ୍ରୀଡା ମହୋତ୍ସବରେ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ମଞ୍ଚ ଓ ଅତିଥି ପରିଚୟ ଶିକ୍ଷକ କିଶୋର ଇଣ୍ଡୱାର ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ମନ୍ଦାକିନୀ ଭୈସାଲ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜଗାଙ୍ଗପୁର ଫୁଟବଲ ପଡିଆରେ ଅନୁଷ୍ଠିତ ହେଉଥିବା ଲୋକ ମହୋତ୍ସବ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଦର୍ଶକଙ୍କ ମନମୋହିଲା ନାଗପୁରୀ

**ରାଜଗାଙ୍ଗପୁର ମହୋତ୍ସବ ଝରଝରାର ଦ୍ୱିତୀୟ ସନ୍ଧ୍ୟା**

ରାଜଗାଙ୍ଗପୁର,୨୦ା୧୨
(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଫୁଟବଲ ପଡିଆରେ ଅନୁଷ୍ଠିତ ହେଉଥିବା ଲୋକ ମହୋତ୍ସବ ଝରଝରାର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥିଭାବେ ଶିଳ୍ପପତି ରାଜେଶ ଗାଡୋଡିଆ ଓ ସମ୍ମାନିତ ଅତିଥିଭାବେ ଓଆଇଏସର ଏଚଆର ମୁଖ୍ୟ ରାଜିବ କୁମାର ଯୋଗଦେଇ ନିଜର ବକ୍ତବ୍ୟ ରଖି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ମୋହନ ଅଗ୍ରୱାଲ, ରାଜଗାଙ୍ଗପୁର ପୂର୍ବତନ ଉପନଗରପାଳ ପାକା ବାବୁ ଯୋଗଦେଇଥିଲେ। ମହୋତ୍ସବ କମିଟିର ସଭାପତି ଆନନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ରମେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସୁନ୍ଦରଗଡ ଏସ୍‌ପି ଅମ୍ରିତ ପାଲ କୌର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ବିଭିନ୍ନ ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ରାଞ୍ଚିରୁ ଆସିଥିବା କଳାକାରମାନେ ନାଗପୁରୀ ପରିବେଷଣ କରିଥିଲେ ଯାହା ଦର୍ଶକଙ୍କୁ ମୁଗ୍ଧ କରିଥିଲା।

## ବ୍ୟବସାୟିକ ଭିତ୍ତିରେ ଫୁଲଚାଷ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଶିବିର

ସୁନ୍ଦରଗଡ଼,୨୦ା୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା କିରେଇ ସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାଲିଥିବା ୫ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ୱାଡସି)ଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଗତ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହା ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୨୦ ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ବ୍ୟବସାୟିକ ଭିତ୍ତିରେ ଫୁଲଚାଷ ଉପରେ ତାଲିମ ଦିଆଯାଇଥିଲା। ଉଦଘାଟନୀ ଉତ୍ସବରେ ସୁନ୍ଦରଗଡ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଫୁଲଚାଷକୁ ଉଦ୍ୟୋଗ ହିସାବରେ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏହି ପ୍ରଶିକ୍ଷଣରେ ସୁନ୍ଦରଗଡ଼ ଜିଲାରେ ଫୁଲଚାଷର ସମ୍ଭାବନା ଓ ଗୁରୁତ୍ୱ, ଫୁଲଚାରା ଉତ୍ପାଦନ ପଦ୍ଧତି, ଫୁଲଗଛର ବଂଶ ବିସ୍ତାର, ଖାଦ୍ୟସାର ଓ ଜଳ ପରିଚାଳନା, ରୋଗପୋକ ନିୟନ୍ତ୍ରଣ, ଫୁଲ ଅମଳ, ପ୍ୟାକେଜିଂ, ଆୟବ୍ୟୟର ଆକଳନ, ବିକ୍ରିବଟା, ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକ ଆଶିଷ କୁମାର ମହାନ୍ତି ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଡେଭିଡ ଜେମସ ବାଗେ, ଡ. ଦିବ୍ୟେନ୍ଦୁ ମଣ୍ଡଳ, ବିଦ୍ୟାଧର ଟୁଡୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉଦ୍ୟାନକୃଷି (ପୁଷ୍ପ ବିଜ୍ଞାନ) ବୈଜ୍ଞାନିକ ଡ. ମାନସ ରଞ୍ଜନ ନାଥ ଆଭାସୀ ମାଧ୍ୟମରେ ଉପସ୍ଥିତ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଲାଠିକଟା ବ୍ଲକର କଂସର ଓ କୁଆଁରମୁଣ୍ଡା ବ୍ଲକର ଝାରବେଡା ଗ୍ରାମକୁ ପରିଭ୍ରମଣରେ ଯାଇ ବ୍ୟବସାୟିକ ଅର୍କିଡଫୁଲ ଓ ଗେଣ୍ଡୁଫୁଲ ଚାଷର ପ୍ରତ୍ୟକ୍ଷ ଜ୍ଞାନ କୌଶଳ ଆହରଣ କରିଥିଲେ। ତାଲିମର ଅନ୍ତିମ ଦିବସରେ ମୁଖ୍ୟ ଅତିଥିଭାବରେ ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଏବଂ ଆପିକଲ ସୁନ୍ଦରଗଡର ଜିଲା ସଂଯୋଜକ ରାହୁଲ କୁଜୁର ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ଓ ସେମାନଙ୍କୁ ବ୍ୟବସାୟିକ ଭିତ୍ତିରେ ଫୁଲଚାଷ କରିବା ପାଇଁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀଙ୍କର ମୂଲ୍ୟାୟନ କରାଯାଇ ତାଲିମ ପୁସ୍ତିକା, ପ୍ରୋ-ଟ୍ରେ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, କର୍ମଚାରୀ ଚନ୍ଦନ ପଟେଲ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ପ୍ରଶିକ୍ଷାର୍ଥୀମାନେ କ୍ଷେତ୍ର ପରିଦର୍ଶନରେ ଯାଇ ଫୁଲ ଚାଷର ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରୁଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଡ଼ଗାଁ,୨୦ା୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୟୁଥ୍ ରେଡ୍‌କ୍ରସ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ସୁପ୍ରିୟା ପାଲ୍ ସଭାପତିତ୍ୱ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଡ.ଜେନା ଉତ୍ତମ ଜୀବନଶୈଳୀ ମାଧ୍ୟମରେ ସୁସ୍ଥ ଓ ନୀରୋଗ ରହିବାର ବାର୍ତ୍ତା ଦେଇଥିଲେ। ଏହାସହିତ ରକ୍ତହୀନତା, ନିଶାସେବନର କୁପରିଣାମ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଏସବୁ ପ୍ରସଙ୍ଗରେ ଅବଗତ କରାଇବା ପାଇଁ ଏଭଳି କାର୍ଯ୍ୟକ୍ରମ ଯଥେଷ୍ଟ ଆବଶ୍ୟକତା ଥିବା ଅଧ୍ୟକ୍ଷା ଡ. ସୁପ୍ରିୟା ପାଲ୍ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ର ବିଭିନ୍ନ ରୋଗ ଓ ତା'ର ନିରାକରଣ ଉପରେ ମୁଖ୍ୟ ଅତିଥିଙ୍କଠାରୁ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସର୍ଗୁଜିଷାନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କୁତ୍ରା,୨୦ା୧୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରାସ୍ଥିତ ସର୍ଗୁଜିଷାନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ପାଠ ସହ ଖେଳ ଜୀବନର ଅବିଚ୍ଛେଦ ଅଙ୍ଗ ବୋଲି କହିଥିଲେ। ଏହାସହିତ ଉଚ୍ଚଶିକ୍ଷିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜାମ୍‌ପାଲି ଓଆଇଏସ୍‌ଏଲ ଏଚ୍‌ଆର ମୁଖ୍ୟ, ସରପଞ୍ଚ ତରଣିସେନ ବରିହା, ଆଶିଷ କୁମାର ସିଂ, ବଇଲୋ କିଶାନ, ଏବିଇଓ ନିରଞ୍ଜନ ରାଉଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଏହାର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବରେ ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ପ୍ରଧାନଶିକ୍ଷକ ଅମରେଶ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ଉମାଶଙ୍କର ମଲ୍ଲିକ ଖେଳ ପରିଚାଳନା କରିଥିଲେ। ହରେକୃଷ୍ଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## କୁତ୍ରା ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଅତିଥିମାନେ କାର୍ଯ୍ୟକ୍ରମ ବୁଲି ଦେଖୁଛନ୍ତି।

କୁତ୍ରା,୨୦ା୧୨(ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମଶ୍ରୀ ଉତ୍ସବ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳୀନିକାନ୍ତ ଶାସନୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମାଜସେବୀ କମଲ ଅଗ୍ରୱାଲ, ବିଇଓ ଅନନ୍ତ ନାଏକ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ଏଏମସି ସଭାପତି ମହେନ୍ଦ୍ର କୁଜୁର ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡାଙ୍ଗନ, କୈଶଳୀ, ଜିଜ୍ଞାସା, ସାହିତ୍ୟ ସୃଜନୀ, ଭିଜନ ଓଡ଼ିଶା ୨୦୩୬, ସବୁଜ ପୃଥିବୀ, ବ୍ୟାଙ୍କ, ଦୋକାନ ଯାତ୍ରା ଆଦି ପ୍ରଦର୍ଶିତ କରାଯାଇଥିଲା। ପରେ ଶିଶୁ ବାଟିକାରୁ ଆରମ୍ଭକରି ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାକାର୍ଯ୍ୟକୁ ଧୃତିସୁନ୍ଦର ସାହୁ ପରିଚାଳନା କରିଥିବା ବେଳେ ଦୀପିକା କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅବିନାଶ କର, ସ୍ମୃତିସ୍ୱରୂପ ଦାସ, ଧୃତିସୁନ୍ଦର ସାହୁ, ରୋହିତ ଜୟପୁରିଆ,ଭୈରବ ଦେହେରୀ, ସଞ୍ଜିତସୁର୍ସେନ ଟପ୍ପୋ, ମଞ୍ଜୁ ଏକ୍କା, ଲିପିକା କାର୍ଲୋ, ନମିତା କୁଲୁ, ସେରୋଫେନା ଏକ୍କା, ସୁନିତା ପଟେଲ, ଆଶା ସାମାରିଆ, ଆଶାଜେନ କିରୋ, ବିଦ୍ୟୁତ୍ ପ୍ରଭା ସ୍ୱାଇଁ, ଅନୱର ଅହମଦ, ଗିରିଜା ଶଙ୍କର ବେହେରା, ସୁନିଲ ସେଠୀ, ଦିଲିପ ବେହେରା, ଜାନକି ସିଂ ପ୍ରମୁଖ ସହଯୋଗ କରିଥିଲେ।

## ପିଏମଶ୍ରୀ ହରିହର ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

କୁଆଁରମୁଣ୍ଡା,୨୦ା୧୨(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ହରିହର ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ସହକାରୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢା ସହ ଖେଳକୁଦରେ ଅଞ୍ଚଳର ସୁନାମ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଡୁଡୁକା ଭେଷଜ ପଟେଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଶିଲ କୁମାର ଚୌଧୁରୀ,ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ତହସିଲର ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ସମିତି ସଭ୍ୟ ତିଲୋତ୍ତମା ତନ୍ତୀ, ବୀରମିତ୍ରପୁର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବାଣୀ ମୁଣ୍ଡା, ସ୍ଥାନୀୟ ହରିହର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀ, ସ୍କୁଲ ପରିଚାଳନା କମିଟି ସଭାପତି ଲୋକନାଥ ପଟେଲ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହା ସହ ଗୁରୁବାର ଅନୁଷ୍ଠିତ ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନରୋତ୍ତମ ସ୍ୱାଇଁ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।



ହରିହର ହାଇସ୍କୁଲ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ମା' ମଙ୍ଗଳା ଏଫ୍‌ସିକୁ ହରାଇ ଚନ୍ଦରପୁର ଦଳ ଚାମ୍ପିୟନ

**୨ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଲହୁଣୀପଡା,୨୦ା୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜମୁଣ୍ଡା ପଞ୍ଚାୟତ ଗମଲେଇ ଗ୍ରାମସ୍ଥିତ ଫୁଟବଲ ଖେଳ ପଡ଼ିଆଠାରେ ଗମଲେଇ ବୀଣାପାଣି ଯୁବକ ସଂଘ ପକ୍ଷରୁ ଚାଲିଥିବା ୨ଦିନିଆ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମା' ମଙ୍ଗଳା ଏଫସି ଦଳକୁ ହରାଇ ଚନ୍ଦରପୁର ଦଳ ଚାମ୍ପିୟନ ହୋଇଛି। ଏଥିରେ ୧୬ ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ ଚନ୍ଦରପୁର ଓ ମା' ମଙ୍ଗଳା ଏଫସି ମଧ୍ୟରେ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୌରୀ ଆଇଟିଆଇ ଓ ନର୍ସିଂର ନିର୍ଦ୍ଦେଶକ ରାଜୁ ପୃସେଠ, ସୌରଭ ସାହୁ, ବିରଞ୍ଚି ନାରାୟଣ ସାହୁ, ରଥ ସାହୁ, ଭୁବନାନନ୍ଦ କିଷାନ ଯୋଗ ଦେଇଥିଲେ। ବୀଣାପାଣି ଯୁବକ ସଂଘର ସଭାପତି ସୁଶାନ୍ତ ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ରାଜୀବ ପତି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ପ୍ରାରମ୍ଭରେ କମିଟିର କର୍ମକର୍ତ୍ତାମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଗ୍ରାମାଞ୍ଚଳରେ ଏଭଳି ଉଚ୍ଚକୋଟି ଖେଳ ଆୟୋଜନ କରି ଖେଳୁଆଡ ମନୋଭାବ ପରିଚୟ ଦେଇଥିବାରୁ କମିଟିକୁ ଧନ୍ୟବାଦ ଜଣାଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ରଞ୍ଜିତ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ କୁମାର ଖର୍ସେଲ, ଗଜାନନ ପାତ୍ର, ଶଙ୍କର ମୁଣ୍ଡା, ସୁନୀଲ ନାଏକ ଶାନ୍ତି ଶୃଙ୍ଖଳାର ସହିତ ଖେଳ ପରିଚାଳନ କରିଥିଲେ। ସୁନୀଲ ତ୍ରିପାଠୀ, ରାଜେଶ ମିଶ୍ର, ଶିଶିର ପାଢ଼ୀ, ଲୋଚନ କିଷାନ, ଲୁଲୁ ପତି, ଜୟ ସାହୁ ,ନାରାୟଣ ସାହୁ, ପ୍ରଭାତ କୁମାର ପାଢୀ ପ୍ରମୁଖଙ୍କ ସମେତ ବୀଣାପାଣି ଯୁବକ ସଂଘର କର୍ମକର୍ତ୍ତାମାନେ ଫୁଟବଲ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ।



## ସ୍ଥାନ ପାଇଲା ଛାତ୍ରୀଛାତ୍ରଙ୍କ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ

**ବିଜ୍ଞାନ,ସାମାଜିକ ବିଜ୍ଞାନ, ଗଣିତ ଟିଙ୍କେରିଂ ମେଳା**

ସୁନ୍ଦରରଗଡ,୨୦ା୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ୧୯ ଓ ୨୦ତାରିଖରେ ୨ଦିନ ଧରି ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ ଅଟଳ ଟିଙ୍କେରିଂ ମେଳା ସହିତ କଳା ଓ ହସ୍ତ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଚିନ୍ତା କରିବାର କ୍ଷମତା ହିଁ ଉଦ୍‌ଭାବନକୁ ଜନ୍ମ ଦିଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ମେଳା ଅବସରରେ ବିଦ୍ୟାଳୟରେ ମୁଖ୍ୟତଃ ବୟସ୍କ ଏବଂ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥାର ଉଦ୍‌ଘାଟନ ହୋଇଥିଲା। ଶନିବାର ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଆଇଏଏସ ଶିକ୍ଷା ନବୀଶ ଫାବୀ ରସିଦ ମୁଖ୍ୟ ଅତିଥି ଭାବରେ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାଇଓଟେକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ଅମିୟ କୁମାର ପଟେଲ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଡ. ପଟେଲ ତାଙ୍କ ବକ୍ତବ୍ୟରେ କହିଥିଲେ, ସୁନ୍ଦରଗଡ ପବ୍ଲିକ ସ୍କୁଲ ଏକ ମଣିଷ ତିଆରି କାରଖାନା। ଯେଉଁଠାରେ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ରଙ୍କ ସମନ୍ୱୟରେ ହିଁ ବିଦ୍ୟାଳୟର ପ୍ରଦର୍ଶନ ନିହିତ ଥାଏ। ମୁଖ୍ୟ ଅତିଥି ଆଇଏଏସ ଶିକ୍ଷା ନବୀଶ ଫାବି ରସିଦ ଛାତ୍ରୀଛାତ୍ରଙ୍କୁ ବଡ଼ ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ମାୟୀକେଲା ଖାଲଖୋ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱକୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ଏବଂ ଟ୍ରଷ୍ଟି ସଦସ୍ୟ ବେଣୁ ମାଧବ ତ୍ରିପାଠୀ ଉପସ୍ଥିତ ଥିଲେ। ଅତିଥିଙ୍କୁ ସ୍ମୃତି ଚିହ୍ନ ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରିୟଙ୍କା ଜେନା ସଭା ସଞ୍ଚାଳନ କରିଥିଲେ। ଦେବାଶିଷ ଦାସ, ଗୋପାଳ ପୁରୋହିତ, ସସ୍ମିତା ସାହୁ, ଶ୍ରୀମନ୍ତ ଦାସ, ରଞ୍ଜନ ମହାପାତ୍ର, ରାଜଲକ୍ଷ୍ମୀ ନାଏକ, ଆଶା ସିଂ, ମିନତୀ ଦାସ, ମନିଷା କଟଠିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ଫିତାକାଟି କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

# ସଂସ୍କୃତି ସମ୍ପନ୍ନ ଜାତି ଉନ୍ନତ ଇତିହାସ ସୃଷ୍ଟି କରିଥାଏ

ସମ୍ବଲପୁର,୨୦।୧୨(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ଓ ଗାୟତ୍ରୀ ସନ୍ତୋଷ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆମ ସଂସ୍କୃତି ଆମ ଇତିହାସ ଆଲୋଚନାଚକ୍ର ସମ୍ବଲପୁର ମାନ୍ଧାତା ବାବା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଡ. ଦାନୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜ ଭାଷା ସାହିତ୍ୟ ଓ ସଂସ୍କୃତିକୁ ସମ୍ମାନ ଜଣାଇ ନିଜକୁ ଗର୍ବିତ କରିବା ଉଚିତ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ହେଉଛି ଆମ ଅଞ୍ଚଳର ସଂସ୍କୃତି ପ୍ରକୃତ ପକ୍ଷେ ଇତିହାସର ବାର୍ତ୍ତାବହ । ଶିକ୍ଷାବିତ୍ ଡ. ସନ୍ତୋଷ ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ଚନ୍ଦ୍ରଶେଖର ବେହେରାଙ୍କ ଜୀବନୀ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମ ପାଇଁ ଉଦ୍‌ବୁଦ୍ଧ କରିବ । ଅନ୍ୟତମ ବକ୍ତା ଉପସଭାପତି ପ୍ରଶାନ୍ତ ପାଇଯୋଷୀ କଳା ସଂସ୍କୃତିକୁ ଜାଗ୍ରତ କରି ରଖିବାରେ


ଆଲୋଚନାଚକ୍ରରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

**ଆମ ସଂସ୍କୃତି ଆମ ଇତିହାସ ଶୀର୍ଷକ ଆଲୋଚନାଚକ୍ର**

ଆଗାମୀ ପିଢିର ଦାୟିତ୍ୱ ରହିଛି ବୋଲି ଅଭିହିତ କରିଥିଲେ। ମୁଖ୍ୟ ଅତିଥି ମାନ୍ଧାତା ବାବା ବିଦ୍ୟାଳୟ ରାଜନୀତି ବିଭାଗ ଅଧ୍ୟାପକ ଡ.ସତ୍ୟନାରାୟଣ ଚୌଧୁରୀ ଆଲୋଚନାଚକ୍ର ମାଧ୍ୟମରେ ଛାତ୍ରୀଛାତ୍ରମାନେ ଆମ ସଂସ୍କୃତି ଆମ ଇତିହାସ ସମ୍ପର୍କରେ ଗଭୀର ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ଆମ ଅଞ୍ଚଳର ସଂସ୍କୃତି ମହାନ । ତେଣୁ ଆମ ଜାତି ଉନ୍ନତ ସଂସ୍କୃତି ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସୁଶ୍ରୀ ଗାୟତ୍ରୀ ମୁଣ୍ଡା ପ୍ରଥମ, ଲକ୍ଷ୍ମୀନାରାୟଣ ସାହୁ ଦ୍ୱିତୀୟ ଓ ସୁଶ୍ରୀ ବୈଜୟନ୍ତୀ ଝାଙ୍କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଜିର ଆଲୋଚନାଚକ୍ରରେ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ସତ୍ୟନାରାୟଣ ଠାକୁର ଓ ଧନ୍ୟବାଦ ଅର୍ପଣ କରିଥିଲେ ଇଂଲିଶ ଅଧ୍ୟାପିକା ଚିନ୍ମୟୀ ମିଶ୍ର।

# ଭାଜପାର ମିଶ୍ରଣ ପର୍ବ

କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଉପସ୍ଥିତିରେ ଭାଜପାର ନୀତି ଆଦର୍ଶ ଓ ଡବଲ ଇଞ୍ଜିନ ସରକାରଙ୍କ ଜନହିତକାରୀ କାର୍ଯ୍ୟକ୍ରମରେ ଅନୁପ୍ରାଣୀତ ହୋଇ କୁଚିଣ୍ଡା ବ୍ଲକ କୁତୁରାଚୁଆଁ ସରପଞ୍ଚ ପଦ୍ମାବତୀ ପଧାନ, ପୂର୍ବତନ ସରପଞ୍ଚ ତ୍ରିବିକ୍ରମ ପଧାନ, କୁ.ଜମନକିରା ସମିତିସଭ୍ୟା ଭାନୁମତୀ କିଷାନ, ବକ୍ସମା ସମିତି ସଭ୍ୟା ରଶ୍ମି କୁସୁମ, ଟାଙ୍ଗସର ସମିତି ସଭ୍ୟ ଖଗେଶ୍ୱର କିଷାନ, ଅବସରପ୍ରାପ୍ତ ଅଗ୍ନିଶମ ଅଧିକାରୀ ସୁବୋଧ ଚନ୍ଦ୍ର ମାଝି, କୃଷକ ନେତା ଅଯୋଧ୍ୟା ମହାପାତ୍ର, ରାମନାରାୟଣ ମହାପାତ୍ର, ଘନଶ୍ୟାମ ପଣ୍ଡା, ଯୁବଦ୍ୟୋଗୀ କମଳଜିତ ପଟେଲ ଭାଜପାରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ନାଏକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରବା ସହ ଏଭଳି ଯୋଗଦାନ ତୃଣମୂଳ ସ୍ତରରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ଗୁଦଗୁଦା ମଣ୍ଡଳ ସଭାପତି ଚୂଡ଼ାମଣି ମାକର, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଜମନକିରା,୨୦।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଟିନିମହୁଲ ସ୍ଥିତ ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ରିୟ ହରିପାଲ, ମୁଖ୍ୟବକ୍ତାଭାବେ ଷଣ୍ଢପଥର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ସୁଜାତା ଖୁଣ୍ଟିଆ, ବଡରମା ପଞ୍ଚାୟତ ସରପଞ୍ଚ ବିଜୟ କୁମାର ନାୟକ, ସମାଜସେବୀ ଡ. ରାଜାରାମ ଷଡ଼ଙ୍ଗୀ, ଜମନକିରା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା ସହକାରୀ ଶିକ୍ଷକ ସତ୍ୟମ କୁମାର ଷଡଙ୍ଗୀ, ସୁପ୍ରଭା ଭୋଇ ଓ ଜ୍ୟୋତି କର୍ଣ୍ଣ କରିଥିଲେ। ଅତିଥିଗଣ ତାଙ୍କ ବକ୍ତବ୍ୟରେ କହିଥିଲେ, ଶୃଙ୍ଖଳା, ସଂସ୍କାର ଓ ଶିକ୍ଷା ହେଉଛି ଜଣେ ଶିକ୍ଷାର୍ଥୀର ଅଗ୍ରଗତିର ଚାବିକାଠି। ପିଲାମାନେ ହେଉଛନ୍ତି ମାଟିର ପୁତୁଳା। ସେମାନଙ୍କୁ ଭଲରେ ଗଢ଼ିବା ହିଁ ମାତାପିତାଙ୍କ ମୁଖ୍ୟ କର୍ତ୍ତବ୍ୟ। ଶିକ୍ଷା ଜୀବନ ପାଇଁ ମୂଳ ଆଧାର, ଶୈଶବ ଶିକ୍ଷାଠାରୁ ଉଚ୍ଚ ଶିକ୍ଷା ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଶିକ୍ଷଣୀୟ। ନିଜ ଭିତରେ ଏହାର ବାରମ୍ବାର ସମୀକ୍ଷା, ଉପଯୋଗ ଓ ପ୍ରୟାସ ଦ୍ୱାରା ଶିକ୍ଷାର ପରିପ୍ରକାଶ ହୋଇ ବିକାଶର ଦ୍ୱାର ଖୋଲିଥାଏ ବୋଲି ବକ୍ତାଗଣ କହିଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷକ ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସ୍କୁଲର ବିଦ୍ୟାର୍ଥୀ ମାନେ ସେମାନଙ୍କ କଳାକୃତି ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗମନାଗମନ ସୁବିଧା ହେଲେ ଗାଁର ଉନ୍ନତି ହେବ


ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ମନ୍ତ୍ରୀ ରବିନାରାୟଣ ନାଏକ ରାସ୍ତାର ଭିତ୍ତିପ୍ରସ୍ତର କରୁଛନ୍ତି।

କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍ଶୀ)

**ଆରଡ଼ି ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତର ଗନମୁଣ୍ଡାରୁ ଛତାବର (ଭାୟା–ନାଗଡିହି, ଲସରାଟାଙ୍ଗର)୬.୬କି.ମି ଆରଡି ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୫କୋଟି ୮୧ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ରାସ୍ତା(ପିଚୁ) ପାଇଁ ବିନୋଦ ଅଗ୍ରୱାଲ ଟେଣ୍ଡର ପାଇ ଚୁକ୍ତିନାମା କରିଛନ୍ତି। ଶନିବାର ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଗନମୁଣ୍ଡାଠାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆୟୋଜିତ ଏକ ସାଧାରଣ ସଭାକୁ ମନ୍ତ୍ରୀ ନାଏକ ସମ୍ବୋଧିତ କରି କହିଥିଲେ ଏହିରାସ୍ତା ପାଇଁ ଲୋକଙ୍କ ଦୀର୍ଘଦିନର ଦାବି ଥିଲା। ରାସ୍ତା ନିର୍ମାଣ ଦ୍ୱାରା କୁଚିଣ୍ଡା ବ୍ଲକର ବାଉରୀଗୋଡା ଓ ଅର୍ଡାବାହାଲ ପଞ୍ଚାୟତ ଏବଂ ବାମରା ବ୍ଲକ ମହୁଲପାଲି ପଞ୍ଚାୟତକୁ ସିଧାସଳଖ ସଂଯୋଗ କରିବ। ଫଳରେ ଜନସାଧାରଣଙ୍କ ଗମନାଗମନ ପାଇଁ ସହଜ ହେବାସହ ଗାଁର ଉନ୍ନତି ହେବ ବୋଲି ସେ କହିଥିଲେ। ଏହାଛଡା ୧୫୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ପିଚୁ ରାସ୍ତା ଏବଂ କମ ଜନସଂଖ୍ୟା ଥିବା ଗ୍ରାମକୁ ଗ୍ରେଡ–୧ ରାସ୍ତା ପାଇଁ ସରକାର ଯୋଜନା କରିଥିବା ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ସରୱନନ ସ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ଏମ୍‌ପି ପ୍ରତିନିଧି ଶୁଶିଲ କର, କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବାସ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରୂପାନନ୍ଦ ଶବର ସଭା ପରିଚାଳନା କରିଥିବା ବେଳେ ଭାଜପା ଚଇତ୍ରା ମଣ୍ଡଳ ସଭାପତି ରାଜକୁମାର ରକ୍ସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାଏକ, କନିଷ୍ଠ ଯନ୍ତ୍ରୀ ସୁଦାମା ରାୟ ପ୍ରମୁଖ ସହଯୋଗ କରିଥିଲେ।

# କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନାକଟିଦେଉଳ,୨୦।୧୨
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ସୁଶ୍ରିତା ଭୋଇଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କ୍ରୀଡା ମଶାଲ ଆଣିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ କିସିଣ୍ଡା ଥାନା ସବ ଇନ୍ସପେକ୍ଟର ଗୋଲକ ବିହାରୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର କ୍ରୀଡାରେ ଅଂଶଗ୍ରହଣ କରି ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ସୌରେନ କୁମୁରା ଚାମ୍ପିୟନ ହୋଇଥିଲେ। ରାଜନୀତି ବିଭାଗ ଅଧ୍ୟାପକ କୌଶିକ କୁମାର ପ୍ରଧାନ ଏହାର ସଂଯୋଜନା କରିଥିଲେ। ଖେଳ ଶିକ୍ଷକ ସୁରେଶ କୁମାର ପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ୧୬ ପ୍ରତିଯୋଗିତାରେ ୪୨୧ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ନାକଟିଦେଉଳ,୨୦।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଏସ୍‌ଏସ୍‌ଡି ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ୪୨୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୬ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବାଳକ ବର୍ଗରେ ମନୋଜ ଲାକଡା, ବାଳିକା ବର୍ଗରେ ଶିବାନୀ କାଣ୍ଡୁଲନା ଚାମ୍ପିୟନ ହୋଇଥିଲେ। କନିଷ୍ଠ ବାଳକ ବର୍ଗରେ ନିଖିଳ କଲେତ ଏବଂ ବାଳିକା ବର୍ଗରେ ଅମ୍ବିକା ଓରାମ ଚାମ୍ପିୟନ ହୋଇଥିଲେ । ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ବନପାଳ ପ୍ରବୀଣ କୁମାର ସାହୁ ଏବଂ ଏସ୍‌ଏମସି ସଭାପତି ବିଶ୍ୱାମିତ୍ର ଦେହୁରୀ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବକାନ୍ତ ପରିଡା, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ଦେହୁରୀ, ସମ୍ମାନିତ ଅତିଥି ବଡ଼ମାଳ ଆଶ୍ରମ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର କୁମାର ପ୍ରଧାନ ଏବଂ ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବରାଜ କାଲୋ ଯୋଗଦେଇ କୃତୀପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଏନଏସ୍‌ସିବି ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୨୦।୧୨(ବି.ଶଙ୍କର)

**ବିଭିନ୍ନ ବର୍ଗରେ ସାୟଦ, ଚେତନା, ସାହିଲ ସୁପ୍ରିୟା ଚାମ୍ପିୟନ**

ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟର ୫୨ତମ କ୍ରୀଡ଼ା ଉତ୍ସବ ଶନିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ୪୦୦ ମିଟର, ୧୬୦୦ ମିଟର ଦୌଡ଼ ପ୍ରତିଯୋଗିତା ସହିତ ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଡିସକସ ଥ୍ରୋ, ମ୍ୟୁଜିକ ଚେୟାର, ଦଉଡି ଡିଆଁ, ସ୍ଲୋ ସାଇକେଲ ଚାଳନା ପ୍ରଭୃତି ପ୍ରତିଯୋଗିତା ହୋଇଥିଲା । ଯୁକ୍ତ ୨ ବାଳକରେ ସାୟଦ ୱାହିଦ ଓ ବାଳିକା ବର୍ଗରେ ଚେତନା ଓରାମ ଏବଂ ଡିଗ୍ରୀସ୍ତରରେ ପୁରୁଷ ବର୍ଗରେ ସାହିଲ କୁମାର ପ୍ରଧାନ ଓ ମହିଳା ବର୍ଗରେ ସୁପ୍ରିୟା ପଣ୍ଡା ଚାମ୍ପିୟନ ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ ମୁଖ୍ୟ ଅତିଥି ଏବଂ ଅନ୍ତର୍ଜାତୀୟ କ୍ରୀଡ଼ାବିତ ସୁଶ୍ରୀ ରେଖା ଦେ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦ ସହଯୋଗୀ ଉପଦେଷ୍ଟା ଡ.ସତ୍ୟ ରଞ୍ଜନ ଗାରୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଡ. ଆଦିତ୍ୟ ମେହେର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ କ୍ରୀଡ଼ା ଉତ୍ସବ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ପର୍ଶୁରାମ ଭୋଇ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସତ୍ୟପ୍ରକାଶ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷ୍ମୀଧର ବେହେରଙ୍କ ତତ୍ତ୍ୱାବଧାନ ଏବଂ ଖଣ୍ଟୁଆଳ ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ମହେଶ୍ୱର ଖଣ୍ଡେଇ, ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର ଭୀମସେନ ବାରିକ ଏବଂ ମୁରା ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ଦୀପ୍ତିରଞ୍ଜନ ବାରିକ ସହଯୋଗରେ ଇଭେଣ୍ଟଗୁଡିକ ହୋଇଥିଲା।



ଟ୍ରଫି ସହ ଅତିଥି ଓ କୃତୀ ଛାତ୍ରୀଛାତ୍ରମାନେ।

# ସମ୍ବିଧାନର ମୌଳିକ ବିଚାରକୁ କ୍ଷତାକ୍ତ କରୁଛି ଫାସିବାଦୀ ଆକ୍ରମଣ

ସମ୍ବଲପୁର,୨୦।୧୨(ବି.ଶଙ୍କର)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଶତବାର୍ଷିକୀ ପ୍ରତିଷ୍ଠା ଦିବସ ସମାରୋହ ଶନିବାର ସମ୍ବଲପୁର ନାରୀସେବା ସଦନରେ ପାଳିତ ହୋଇଛି। କଷ୍ଟଲବ୍ଧ ସ୍ୱାଧୀନତା, ସମ୍ବିଧାନର ସୁରକ୍ଷା, ଶ୍ରମିକ ଶ୍ରେଣୀ, କୃଷକ, ଛାତ୍ର, ଯୁବ ଓ ମହିଳାଙ୍କ ଅଧିକାର ସୁରକ୍ଷା ପାଇଁ ବାମପନ୍ଥୀ ଏକତା ସହ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଦଳ ଏବଂ ଶକ୍ତିମାନେ ଐକ୍ୟବଦ୍ଧ ହେବା ଜରୁରୀ। ସମାରୋହକୁ ଉଦ୍‌ଘାଟନ କରି ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଏହି ଆହ୍ୱାନ ଦେଇଛନ୍ତି। ଦେଶରେ ପ୍ରଗତିଶୀଳ ଜନବାଦୀ ସାହିତ୍ୟ, ସଂସ୍କୃତି ତଥା ସୃଷ୍ଟିର ଶ୍ରେଷ୍ଠ ପ୍ରାଣି ମଣିଷ ଉପରେ ସାମ୍ପ୍ରଦାୟିକ, ଫାସିବାଦୀ ଆକ୍ରମଣ ସମ୍ବିଧାନର ମୌଳିକ ବିଚାର ଓ ଏକତାକୁ କ୍ଷତାକ୍ତ କରୁଛି। ସାମ୍ପ୍ରଦାୟିକ ଫାସିବାଦକୁ ମୁକାବିଲା କେବଳ ଶ୍ରମିକ, କୃଷକ ଛାତ୍ର ଯୁବକ ମୈତ୍ରୀର ସଂଗ୍ରାମ ହିଁ ମୁକାବିଲା କରିପାରିବ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସମ୍ପାଦକ ତଥା ଅସରପ୍ରାପ୍ତ ପ୍ରଶାସକ ଅଶ୍ୱିନୀ କୁମାର ମିଶ୍ର କହିଥିଲେ।

ପୂର୍ବତନ ସାଂସଦ ଭବାନୀ ହୋତା କହିଥିଲେ, ସମାଜବାଦ ହିଁ ସମାଜର ଭବିଷ୍ୟତ। ସିପିଆଇ ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ କହିଥିଲେ, ଶ୍ରମିକ ଓ ଛୋଟିଆ କର୍ମଚାରୀଙ୍କ ଭତ୍ତା ବୃଦ୍ଧି ହେଉନାହିଁ। ଅଥଚ ଓଡ଼ିଶାର ବିଧାୟକମାନେ ନିଜ ଭତ୍ତା ୩ଗୁଣ ବୃଦ୍ଧି କରିଛନ୍ତି । ତେଣୁ ଭତ୍ତା ପ୍ରତ୍ୟାହାର ପର୍ଯ୍ୟନ୍ତ କମ୍ୟୁନିଷ୍ଟ ପାର୍ଟି ଆନ୍ଦୋଳନ ଜାରି ରଖିବ ବୋଲି ପ୍ରସ୍ତାବ ଆଗତ କରିଥିଲେ । ଚଳିତ ମାସ ୨୬ ତାରିଖରେ କମ୍ୟୁନିଷ୍ଟ ପାର୍ଟି ପ୍ରତ୍ୟେକ ଶାଖାରେ ଶତବାର୍ଷିକୀ ପାଳନ ସହ ଜନଗଣଙ୍କ ଲଗାତର ସଂଗ୍ରାମର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଶତବାର୍ଷିକୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶିବ ଶଙ୍କର ନନ୍ଦ ସମାରୋହରେ ଅଧ୍ୟକ୍ଷତା କରି ଶୋଷଣ, କଷଣ ଓ ଭେଦଭାବରୁ ମୁକ୍ତି ସଂଗ୍ରାମରେ ତ୍ୟାଗ ଓ ଆତ୍ମ ବଳିଦାନର ୧୦୦ବର୍ଷର ସୂଚନା ଦେଇଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ଅଖିଳ ଭାରତୀୟ ଯୁବ ସଂଘ ଉପସଭାପତି ରାଜେନ୍ଦ୍ର ନାଏକ, ବରିଷ୍ଠ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସ ଜନ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ସହ ସମ୍ପାଦକ ତଥା ଶତବାର୍ଷିକୀ ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ସିଂଦେଓ ସମାରୋହର ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ସମାରୋହ ପୂର୍ବରୁ ଏକ ପଦୁଆର ସହର ପରିକ୍ରମା କରି ଉତ୍ସବସ୍ଥଳରେ ପହଞ୍ଚି ଥିଲା। ପାର୍ଟିର ପତାକାକୁ ବର୍ଷିଆନ ନେତା ଅଶୋକ ବିଶି ଉତ୍ତୋଳନ କରିବା ପରେ ଶହୀଦ ବେଦୀରେ ମାଲ୍ୟାର୍ପଣ କରି ପ୍ରତିନିଧିମାନେ ସମାରୋହ ସ୍ଥଳକୁ ଯାଇଥିଲେ। ସମାରୋହରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଏଆଇଏସଏଫର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ବିଦ୍ୟାଧର ମହାନ୍ତ, ପ୍ରଦୋଷ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ସଦାନନ୍ଦ ସାହୁ, ସନ୍ତୋଷ ଆଚାର୍ଯ୍ୟ, ଜଗଦୀଶ ଦୁର୍ଗା, ସାରଙ୍ଗଧର ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ପଶ୍ଚିମ ଓଡିଶାର ହୀରାକୁଦ ବିସ୍ଥାପିତ, କଣ୍ଢେଇକେଲାର ଢବାଫଟା ଆନ୍ଦୋଳନ, ରେଶମ ଗୌଣ୍ଟିଆ ବିରୋଧୀ ଆନ୍ଦୋଳନ, ଅବିଭକ୍ତ ସମ୍ବଲପୁର ଏବଂ ବଲାଙ୍ଗୀର ଜିଲା ଜଳ କର ଆନ୍ଦୋଳନ ସମେତ ସମସ୍ତ ଶ୍ରମିକ ଆନ୍ଦୋଳନ ବିଷୟରେ ଆଲୋଚନା ହୋଇଥିଲା। ସମ୍ବଲପୁର ସମେତ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର ପ୍ରତିନିଧି ସାମିଲ ଥିଲେ।



ସିପିଆଇ ଶତବାର୍ଷିକୀ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଶୋଭାଯାତ୍ରା ।

**ସିପିଆଇର ଶତବାର୍ଷିକୀ ପ୍ରତିଷ୍ଠା ଦିବସ ସମାରୋହ**

# ବଡ଼ ସ୍ୱପ୍ନ ଦେଖ, କଠିନ ପରିଶ୍ରମ କର

## ସୋନପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ପାଣିସିଆଲିସ୍ଥିତ ସୋନପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ପ୍ରତିବିମ୍ବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବଡ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅଭିଭାବକମାନେ ପିଲାଙ୍କ ଉପରେ ଅଯଥା ଚାପ ସୃଷ୍ଟି ନକରି ସେମାନଙ୍କ ଇଚ୍ଛା ଅନୁସାରେ ଆଗକୁ ବଢିବାକୁ ଦିଅନ୍ତୁ ବୋଲି ପୂଜାରୀ ମତପ୍ରକାଶ କରିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଶିକ୍ଷାର ଆଧୁନିକୀକରଣ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।



ବାର୍ଷିକ ଉତ୍ସବ ପ୍ରତିବିମ୍ବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଅନ୍ୟତମ ଅତିଥି ଭାବେ ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ କୃତକାର୍ଯ୍ୟ ହୋଇଥିବା ଅଂଶୁମାନ ସାହୁ, ସଙ୍ଗୀତଜ୍ଞ ଶତ୍ରୁଘ୍ନ ଲୁହା ଓ ମୁଖ୍ୟବକ୍ତା ଭାବେ ସୁବଳୟା କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ଦେବାଶିଷ ପଧାନ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ମାନସିକ ଓ ବୌଦ୍ଧିକସ୍ତରରେ ବିକାଶ କରିବା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ କୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଦିଲୀପ କୁମାର ପୂଜାରୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ରମାନେ ଲୋକନୃତ୍ୟ, ସଙ୍ଗୀତ ଓ ବାଦ୍ୟରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ମନୀଷା କୁମାରୀ, ଶିକ୍ଷକ ଦେବେନ୍ଦ୍ର ପାତ୍ର ଓ ଦେବାଶିଷ ପଧାନ ସଭାକୁ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀ ପ୍ରାଚୀ ସାହୁ, ସଗୁନ ସାଗରିକା ଶତପଥୀ, ଇପ୍‌ସିତା ହୋତା, ଛାତ୍ର ପ୍ରୟାଗରାଜ ସାମନ୍ତରାୟ, ପ୍ରଥମ ଶତପଥୀ, ସବ୍ୟ ମେହେର, ସମର୍ଥ ହୋତା, ସତୀଶ କୁମାର ନାୟକ ଓ ଯଶରାଜ ମହାକୁଡ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଉତ୍ସବ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଜୟା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷକଙ୍କ ମାସିକ ବୈଠକ



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ଡୁଙ୍ଗୁରିପାଲି,୨୦।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ସହିଲା ରେଳୱେ କଲୋନି ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜାଲୁ ମିର୍ଦ୍ଧା, ସମ୍ମାନିତ ଅତିଥିଭାବେ କ୍ଲଷ୍ଟର ସିଆରସିସି ରଞ୍ଜନ କୁମାର ଦାଶ, ଶିକ୍ଷକ ଅଭିରାମ ବାରିକ, ଶିବପ୍ରସାଦ ରଣା, ମଧ୍ୟାହ୍ନଭୋଜନ ଡିଇଓ ବିନାୟକ ମିଶ୍ର ଯୋଗଦେଇଥିଲେ। ଶିଶୁ ବାଟିକା, ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟା ଜ୍ଞାନ ଉପରେ ବହୁ ଶ୍ରେଣୀ ପରିଚାଳନା, ଜିଲାଭିତ୍ତିକ ଶୈକ୍ଷିକ ଆଲୋଚନା, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଉପରେ ଆଲୋଚନା ବୈଠକରେ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସାଧୁ ସେଠ, କୈଳାସ ଚନ୍ଦ୍ର ସେଠ, ଚକ୍ରଧର ବାରିକ, ସହଦେବ ସେହେର, ଗୋପାଳ କୁମାର ଦାସ, ରମେଶ ସାଥୁଆ ତଥା ଶିକ୍ଷୟିତ୍ରୀ ପ୍ରେମଶିଳା ମେହେର,ଗାୟତ୍ରୀ ଯୁଆଡ଼ି, ଜ୍ୟୋତ୍ସ୍ନାମୟୀ ମାଝୀ, ଉର୍କୁଳି ଭୋଇ, ସସ୍ମିତା ମେହେର, ସସ୍ମିତା ସାହୁ, ଆରତୀ ପ୍ରଧାନ, ସୁକାନ୍ତୀ ବାଗ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ଯୁଆଡ଼ି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ବିନିକା,୨୦।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ସାଧନ କେନ୍ଦ୍ର ସଂଯୋଜକ ହିମାଂଶୁ ଭୂଷଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରହିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟଙ୍କଧର ଭୋଇ ଉପସ୍ଥିତ ରହି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ନୂତନ ପରୀକ୍ଷା ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। ଓସିଆରସି ସଂଘ ସଭାପତି ଜୟ ନାରାୟଣ ପୂଜାରୀ, ଶିକ୍ଷୟିତ୍ରୀ କମଳିନୀ ହୋତା, ବିଶ୍ୱନାଥ ଚାନ୍ଦ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି କରି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୧୫ ଜଣ ଶିକ୍ଷକ ଯୋଗଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରେମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ଅମରପାଲି,୨୦।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭାଲୁଡୁଙ୍ଗୁରି ଗ୍ରାମର ଧର୍ମପରାୟଣ ମହିଳା କେକେୟୀ ସାହୁ (୭୨)ଙ୍କ ଶୁକ୍ରବାର



ରାତିରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। କୈକେୟୀ ଜଣେ ଧର୍ମ ପାରାୟଣ ମହିଳା ଥିଲେ। ଶେଷ ସମୟରେ ତାଙ୍କ ପୁଅ ସୂର୍ଯ୍ୟ କୁମାର ସାହୁ, ମୁରଲୀ ସାହୁ, ମହେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ଝିଅ ଯଜ୍ଞ ସାହୁ, ନିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସୂର୍ଯ୍ୟକୁମାର ମୁଖାଗ୍ନି ଦେଇଥିଲେ।

# ବାଳିକାରେ ଲିସା, ପ୍ରୀତମ ବାଳକ ଚାମ୍ପିୟନ


ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ସହିତ କୃତୀ ପ୍ରତିଯୋଗୀମାନେ।

### ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଅମରପାଲି,୨୦।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସହିଦ ବିଭୀଷଣ ସାହୁ ଖେଳ ପଡିଆରେ ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ମହାବିଦ୍ୟାଳୟ ପ୍ରାଧ୍ୟାପକ ଦେବେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଖେଳ ଶିକ୍ଷକ ବାଲାଜୀ ବିଶ୍ୱନାଥ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିତ ହାର ପ୍ରତି ଗୁରୁତ୍ୱ ନ ଦେଇ ଖେଳୁଆଡ ମନୋଭାବ ନେଇ ଖେଳ ପ୍ରତି ଆଗ୍ରହ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ୧୯ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଲିଶା ଜଗଦଲା ଓ ପ୍ରିତମ ମେହେର ଚାମ୍ପିୟନ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଛନ୍ତି। କ୍ରୀଡ଼ା ପ୍ରତିଯୋଗିତାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡ଼. ସରସ୍ୱତୀ ଦାସ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରହେ ଓ ମନ ପ୍ରଫୁଲ୍ଲ ରହେ ବୋଲି ସେ ମତବ୍ୟକ୍ତ କହିଥିଲେ। ଖେଳ ଶିକ୍ଷକ ଶିବବ୍ରତ କର୍ଣ୍ଣ, ବିପ୍ର ଚରଣ ପେର, ସୁକାନ୍ତ ମହାକୁର, ଲିଙ୍କନ ପୂଜାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ପରିଚାଳନା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତ ଅଧ୍ୟାପକ ସୁଧାଂଶୁ ପଧାନ ସଭା ପରିଚାଳନା, ଅଧ୍ୟାପକ ଶଶାଙ୍କ ସୁଆର ପୁରସ୍କାର ବିତରଣ, ଅଧ୍ୟାପିକା ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରାୟଣୀ କ୍ରିକେଟ: କ୍ୱାର୍ଟର ଫାଇନାଲରେ ପାଇକପାଲି

ବୀରମହାରାଜପୁର,୨୦।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା କଳାପଥର ଗ୍ରାମ ପଞ୍ଚାୟତ ବାବୁପାଲିଠାରେ ସପ୍ତମ ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ସମାଜସେବୀ କିଶୋର ହୋତା ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ ଚମ୍ପାମାଲ ଏବଂ ଷଣ୍ଢା ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ୮ ଓଭର ଖେଳି ଷଣ୍ଢା ୯୬ ରନ ସଂଗ୍ରହ କରିଥିଲେ। ଜବାବରେ ଚମ୍ପାମାଲ ୮ଓଭରରେ ୮୫ ରନ ସଂଗ୍ରହ କରି ୧୧ରନରେ ପରାଜିତ ହୋଇଥିଲା। ଦ୍ୱିତୀୟ ଲିଗ ମ୍ୟାଚ ହିଲୁଙ୍ଗ ଏବଂ ପାଇକପାଲି ମଧ୍ୟରେ ହୋଇଥିଲା। ୮ ଓଭରରେ ହିଲୁଙ୍ଗ ୪୯ ରନ କରିଥିଲା। ଜବାବରେ ପାଇକପାଲି ୫୦ରନ କରି ବିଜୟୀ ହୋଇଥିଲା। ପରେ ଷଣ୍ଢା ଏବଂ ପାଇକପାଲି ମଧ୍ୟରେ ୪ ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା। ଏଥିରେ ପାଇକପାଲି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବୀରମହାରାଜପୁର,୨୦।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରଥପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ସହ ଦେଶଗଠନରେ ବ୍ରତୀ ହେବାକୁ ଆହ୍ୱାନ କହିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ତଥା ଐତିହାସିକ ସୁଦାମ ନାଏକ ଛାତ୍ରୀଛାତ୍ରଙ୍କ ଉତ୍ତମ ଲକ୍ଷଣଗୁଡ଼ିକ ଉପରେ ବକ୍ତବ୍ୟ ପ୍ରଦାନ କରିବେ। ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟସ୍ତରରେ ଶିକ୍ଷାବର୍ଷ ୨୦୨୫-୨୬ରେ ୧୧ଟି ପ୍ରତିଯୋଗିତା ସହ ପାଠ୍ୟ କାର୍ଯ୍ୟକ୍ରମ ହିସାବରେ ଅନୁଷ୍ଠିତ କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ଦ୍ୱାଦଶ ଶ୍ରେଣୀର ସାଗରିକା ନନ୍ଦ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସପ୍ତମ ଶ୍ରେଣୀର ଭଗବାନ ବେହେରା ଏବଂ ଉତ୍ତମ ଉପସ୍ଥାନ ରଖିଥିବା ନବମ ଶ୍ରେଣୀର ତୃପ୍ତିମୟୀ ବିଶ୍ୱାଳଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଗତ ବର୍ଷର ଦଶମ ଓ ଦ୍ୱାଦଶ ସିବିଏସସି ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀ ଶୁଭଶ୍ରୀ ନନ୍ଦ ଓ ଥଣ୍ଡାରାମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୨୧ରୁ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

ଅମରପାଲି,୨୦।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଆଗାମୀ ୨୧ ତାରିଖ ରବିବାରଠାରୁ ଆରମ୍ଭ ହେବ ମର୍ଯ୍ୟାଦାଜନକ ୨୯ ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ। ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ହେବାକୁ ଥିବା ଏହି କ୍ରିକେଟ ମହକୁମ୍ଭରେ ରାଜ୍ୟ ଓ ରାଜ୍ୟ ବାହାରର ୮ ଟି ଦଳ ସହିତ ଦୁଇଟି ମହିଳା ଦଳ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି କ୍ରିକେଟ କପର ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ଏକ ପରିଚାଳନା କମିଟି ଗଠିତ ହୋଇଯାଇଛି। ସୁଶିଲ କୁମାର ପ୍ରଧାନ ସଭାପତି, ଆଶିଷ ମହାକୁର ଉପସଭାପତି, ମାଧବ ମହାକୁର ସମ୍ପାଦକ, ଟୁଟୁ ମହାକୁର ସହସମ୍ପାଦକ, ଦେବରାଜ ମହାକୁରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ଉପକମିଟି ମଧ୍ୟ ଗଠନ କରାଯାଇଛି। ଚଳିତ ୨୧ ତାରିଖ ରବିବାର ଏହାର ଉଦ୍‌ଘାଟନ ହେବ। ପ୍ରଥମ ଦିବସରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ହେବ। ୨୨ ତାରିଖ ପୁଲ ଏ ର ପ୍ରଥମ ମ୍ୟାଚ ହେବ। ୨୩ ତାରିଖପୁଲ – ଏର ଦ୍ୱିତୀୟ ମ୍ୟାଚ ହେବ। ୨୪ରେ ୨୨ ତାରିଖର ବିଜେତା ଓ ୨୩ ତାରିଖ ବିଜେତା ମଧ୍ୟରେ ଏହି ପୁଲର ସେମିଫାଇନାଲ ମ୍ୟାଚ ହେବ। ୨୫ ତାରିଖରେ ପୁଲ ବି ର ପ୍ରଥମ ମ୍ୟାଚ ହେବ। ୨୬ରେ ପୁଲ ବି'ର ଦ୍ୱିତୀୟ ମ୍ୟାଚ ହେବ। ୨୭ ତାରିଖରେ ପୁଲ ବି'ର ସେମିଫାଇନାଲ ହେବ। ୨୮ରେ ଏହାର ଫାଇନାଲ ମ୍ୟାଚ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ସଭାପତି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମାଧବ ମହାକୁର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ସ୍ପୋର୍ଟସ କ୍ଲବର ଆଇନ ପରାମର୍ଶଦାତା ରାଧାକାନ୍ତ ବାଘ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି କଳ୍ପତରୁ ମହାକୁର ଉପସ୍ଥିତ ଥିଲେ।

## ପାରାଦୀପ ଫସ୍‌ଫେଟ୍ ଲିମିଟେଡର ମେଗା ଫାର୍ମର ମିଟିଂ

ବୀରମହାରାଜପୁର,୨୦।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରରେ ଶନିବାର ପାରାଦୀପ ଫସଫଟେ ଲିମିଟେଡ କମ୍ପାନୀ ତରଫରୁ ଏକ ମେଗା ଫାର୍ମର ମିଟିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଟି ପରୀକ୍ଷା, ସନ୍ତୁଳିତ ସାର ଉପଯୋଗ, କମ୍ପାନୀର ଉତ୍ପାଦ ନାନୋ ଶକ୍ତି ନାନୋ ବିଷୟରେ ଆଲୋଚୋନା ହୋଇଥିଲା। ଏଥିରେ ୨୦୦ ଚାଷୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେବିକେର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ମାର୍ଫେଡ ମ୍ୟାନେଜର ଗଣେଶ ମହାପାତ୍ର, ଶ୍ରୀକାନ୍ତ ପ୍ରଧାନ, କମ୍ପାନୀ ଅଧିକାରୀ ନିର୍ମଳ କିଶାନି, ସୁନୀଲ ପ୍ରସାଦ ସାହୁ, ଶୁଭେନ୍ଦୁ କୁମାର ନନ୍ଦ, ବିକାଶ ଜେନା, ବିକ୍ରେତା ଦୀପକ ଟ୍ରେଡର ମାନସ ରଞ୍ଜନ କର୍ଣ୍ଣ ଉପସ୍ଥିତ ଥିଲେ।

## ସୋନପୁର କଲେଜରେ ଆଲୋଚନାଚକ୍ର

ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର, ଓଡ଼ିଆ ଆତ୍ମଜୀବନୀ ଓ ମୋ ଫୁଟା ଡଙ୍ଗାର କାହାଣୀ ଶୀର୍ଷକରେ ବିଭାଗୀୟ ମୁଖ୍ୟ ଡକ୍ଟର ସୌରଭ ରଞ୍ଜନ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ନାଏକ ଯୋଗଦେଇଥିଲେ। ତୃତୀୟ ବର୍ଷର ଛାତ୍ରୀ ରୁବି ବେହେରା ଓ ପ୍ରଥମ ବର୍ଷର ଛାତ୍ରୀ ରେବତୀ ଗଡୁଆ ଏହି ଆଲୋଚନା ଉପରେ ପ୍ରବନ୍ଧ ପାଠ କରିଥିଲେ। ଏଥିରେ ବିଷୟ ବିଶେଷଜ୍ଞ ଭାବେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ କୁମାର ଜଗଦଲା ଯୋଗଦେଇ ଓଡ଼ିଆ ଆତ୍ମଜୀବନୀ ଓ ମୋ ଫୁଟା ଡଙ୍ଗାର କାହାଣୀ ଉପରେ ବିଷଦ ଆଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସ୍ୱାଗତ ବକ୍ତବ୍ୟ ଅଧ୍ୟାପିକା ଡକ୍ଟର ଇତିଶ୍ରୀ ଦାସ ଦେଇଥିବା ବେଳେ ଛାତ୍ରୀ ରୁବି ବେହେରା ସୁନ୍ଦର ଭାବେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅଧ୍ୟାପକ ଡକ୍ଟର ମୀନକେତନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଲମ୍ବୋଦର ପ୍ରଧାନ, ଅଧ୍ୟାପିକା ରୁଚି ସୁଧା ମେହେର, ନିଳୀମା ପ୍ରଧାନ, ଅଧ୍ୟାପକ ଡକ୍ଟର ରାଜେନ୍ଦ୍ର ରଣା ଓ ସରିତା ସା ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳିତ

ବୀରମହାରାଜପୁର,୨୦।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ ଶନିବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥିଭାବେ ଗୋପୀନାଥ ମହାକୁର ମଞ୍ଚାସୀନ ଥିଲେ। ବିବିଧତା ମଧ୍ୟରେ ଏକତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଡିସେମ୍ବର ୨୦କୁ ଅନ୍ତର୍ଜାତୀୟ ମାନବ ଏକତା ଦିବସ ଭାବେ ପାଳନ କରାଯାଇଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମିଳିତ ଜାତିସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ଉପରେ ଅଧିକ ଗୁରୁତ୍ୱାରୋପ କରିଥାଆନ୍ତି । ସଦସ୍ୟ ରାଷ୍ଟ୍ରଗୁଡ଼ିକର ଦାରିଦ୍ର୍ୟ ହ୍ରାସ କରିବା ତଥା ଦାରିଦ୍ର୍ୟ ହ୍ରାସ ରଣନୀତି ପ୍ରସ୍ତୁତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶ୍ୱସ୍ତରରେ ଏକତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ ବୋଲି ଅତିଥିମାନେ କହିଥିଲେ। ସଦସ୍ୟ ଡ଼ ଦ୍ୱିତୀକୃଷ୍ଣ ପଣ୍ଡା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏଥିରେ ଶ୍ୟାମସୁନ୍ଦର ସେଠୀ, ସତ୍ୟ ନାରାୟଣ ନାୟକ, ଜ୍ଞାନେନ୍ଦ୍ର ତ୍ରିପାଠୀ, ନାରାୟଣ ନାୟକ, ଅକ୍ରୂର ଦନ୍ତା, ନିମାଇଁ ଚରଣ ପଣ୍ଡା, ଚମରା ମହାକୁର, ଶିବ ଖମାରୀ, ରାଧେଶ୍ୟାମ ପୁରୋହିତ ଯୋଗଦାନ କରିଥିଲେ। ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।


ଦିବସ ପାଳନ ଅବସରରେ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ।

# ଭିନ୍ନକ୍ଷମ ଶିଶୁଙ୍କ ସୃଜନାତ୍ମକ ଉତ୍ସବ କସ୍ତୁରୀ ଉଦ୍‌ଘାଟିତ

ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଦର ମହକୁମା ଧୁବାମୁଣ୍ଡାସ୍ଥିତ ରେଆର କାର୍ଯ୍ୟାଳୟଠାରେ ରେଆର ସୋନପୁର ଓ ଜିଲା ଭିନ୍ନକ୍ଷମ ଅବିଭାବକ ସଂଘ ତରଫରୁ ଭିନ୍ନକ୍ଷମ ଶିଶୁଙ୍କ ସୃଜନାତ୍ମକ ଉତ୍ସବ କସ୍ତୁରୀ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରାରମ୍ଭରେ ରେଆର ପ୍ରତିଷ୍ଠାତା ସଦସ୍ୟ ଗୌରୀଶ୍ୟାମ ପଣ୍ଡା କସ୍ତୁରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଗତ ୧୫ବର୍ଷ ହେବ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ ହେବା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜିଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ଭିନ୍ନ ଏକ ପ୍ରତିଭା ରହିଛି ବୋଲି ପ୍ରକାଶ କରିବା ସହ ଏହି କାର୍ଯ୍ୟକ୍ରମ ଦ୍ୱାରା ତାଙ୍କର ସୃଜନୀ ଶକ୍ତିର ବିକାଶ ହେଉଥିବା ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆଇନସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାସ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର କିଭଳି କ୍ଷୁର୍ଣ୍ଣ ନ ହେବ ସେ ବିଷୟରେ ଆଇନ ସେବା ପ୍ରାଧିକରଣ ସଜାଗ ରହିଥିବା କହିଥିଲେ।



କସ୍ତୁରୀ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅନ୍ୟତମ ଅତିଥିଭାବେ ବଲାଙ୍ଗୀର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସୁଯୋଗ ଦେଲେ ଭିନ୍ନକ୍ଷମମାନେ ଅନେକ ସଫଳତା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ଉପ ନିର୍ଦ୍ଦେଶକ ପ୍ରୋସିକ୍ୟୁଶନ ହିମାଂଶୁ ଶେଖର ପଣ୍ଡା ଯୋଗ ଦେଇ ଭିନ୍ନକ୍ଷମମାନେ ଆମକୁ ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ କରୁଥିବା ପ୍ରକାଶ କରିଥିଲେ। ରେଆର ଉପ ସଭାପତି ପଦ୍ମିନୀ ବକ୍ସି .ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଭା ସଂଯୋଜନା କରିଥିଲେ। ମନୋଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ତରଭା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ପରିଚାଳନା କରିଥିଲେ। ଏଥିରେ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାରୁ ଭିନ୍ନକ୍ଷମ ଶିଶୁ ଓ ସେମାନଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଶିଶୁମାନଙ୍କୁ ବ୍ୟଙ୍ଗ ଚିତ୍ରାଙ୍କନ, ପଥର ଚିତ୍ରାଙ୍କନ ଓ କାଗଜ କଳା ତାଲିମ ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରଭାସ ମେହେର ଓ ସତ୍ୟ ମେହେର ଏହାକୁ ପରିଚାଳନା କରିଥିଲେ ଏବଂ ଧ୍ୱନି ସ୍ୱତନ୍ତ୍ର ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା। ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

**ରୁପ୍ରା ରୋଡ୍, ୨୦।୧୨ (ସଞ୍ଜୀବ ଦାସ):** ନର୍ଲା ବ୍ଲକ୍ ଅଧୀନ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରୁପ୍ରାଠାରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓଷ୍ଟାର ସଭାପତି କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଷ୍ଟାର ବ୍ଲକ୍ ସମ୍ପାଦକ ବିକ୍ରମ ଗୌଡ଼ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ୍‌ର ଅବସରପ୍ରାପ୍ତ ବିଇଓ ବିଜୟ ସେନାପତି ମୁଖ୍ୟ ଅତିଥି, ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ତଥା ଓଷ୍ଟାର ରାଜ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା ମୁଖ୍ୟବକ୍ତା, ବିଶିଷ୍ଟ କଳାକାର ସର୍ବେଶ୍ୱର ଭୋଇ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ ଗାଳ୍ପିକ ଡିଲେଶ୍ୱର ରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ରବିବାର ମେଦିନିପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ ଉତ୍ସବରେ କୃତୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଥୁଆମୂଳ ରାମପୁର, ୨୦।୧୨ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ସଦରସ୍ଥିତ ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଭୟ ବାଳକ ଓ ବାଳିକାଙ୍କୁ ନେଇ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜୟକୃଷ୍ଣ ମେହେର, କ୍ଷେତ୍ର ଅଧିକାରୀ ଶମ୍ଭୁନାଥ ସ୍ୱାଇଁ, ଅଧ୍ୟାପକ ବିରଞ୍ଚି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଉଦ୍ଧବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବାଳକ ବିଭାଗରେ କୈଳାଶ ଚନ୍ଦ୍ର ମାଝୀ ଓ ବାଳିକା ବିଭାଗରେ ରଞ୍ଜିତା ବାଗ ଚାମ୍ପିୟନ ହୋଇଥିଲେ।

# ମାନସିକ ସ୍ତରରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ

**ଯୌତୁକ ନିଷେଧ ଅଧିନିୟମ ଉପରେ ତାଲିମ ଶିବିର**

ନୂଆପଡ଼ା, ୨୦।୧୨ (ମକାରୁ ବେମାଲ)

ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ର ଓ ଜିଲା ସମାଜ କଲ୍ୟାଣ ବିଭାଗ ନୂଆପଡା ଆନୁକୂଲ୍ୟରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଯୌତୁକ ନିଷେଧ ଅଧିନିୟମ- ୧୯୬୧ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଏହାକୁ ଉଦ୍‌ଘାଟନକରି ଯୌତୁକ ଭଳି ଘୃଣ୍ୟ ପ୍ରଥାକୁ ସମାଜରେ ରୋକିବା ସହ ମାନସିକ ସ୍ତରରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।



ଯୌତୁକ ନିଷେଧ ଉପରେ ଆଲୋଚନା କରୁଛନ୍ତି ଅଧିକାରୀ।

ଜିଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା ଅତିଥି ପରିଚୟ ଦେଇ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ତାଲିମ ଶିବିରରେ ଡିଏଲ୍‌ଏସ୍‌ଏ ସେକ୍ରେଟାରି ନବନୀତା ଦାଶ, ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ, ସିଡବ୍ଲ୍ୟୁସି ଅଧ୍ୟକ୍ଷ ଡ. ଫଣୀନ୍ଦମ ଦେଓ, ଓକିଲ ନାରାୟଣ ପ୍ରସାଦ ଜୋଷୀ, ଜିଲା ସଂଯୋଜକ ମହିଳା ସଶକ୍ତୀକରଣ କେନ୍ଦ୍ର ଆଶିଷ ରଞ୍ଜନ ଖମାରି ପ୍ରମୁଖ ଯୋଗଦେଇ ଯୌତୁକ ନିଷେଧ ଅଧିନିୟମର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହାସହ ସମାଜରୁ କିପରି ଯୌତୁକକୁ ବନ୍ଦ କରାଯାଇପାରିବ ସେ ଉପରେ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ବୁଝାଇଥିଲେ। ଶିବିରରେ ସମସ୍ତ ଏଏନ୍‌ସି ନିର୍ବାହୀ ଅଧିକାରୀ, ବିଭିନ୍ନ କଲେଜ ଅଧ୍ୟକ୍ଷ, ବିବାହ ପଞ୍ଜୀକରଣ ଅଧିକାରୀ, ବିଡିଓ କୋମନା, ସମସ୍ତ ପ୍ରୋଗ୍ରାମ ଅଫିସର, ସମସ୍ତ ସିଡିପିଓ, ପୋଲିସ ଅଧିକାରୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ଏନ୍‌ଜିଓ କର୍ମକର୍ତ୍ତା, ପରିବାର ପରାମର୍ଶ କେନ୍ଦ୍ର ଅଧିକାରୀ ଯୋଗଦେଇଥିଲେ। ଶିବିର ପରିଚାଳନାରେ ମହିଳା ଶକ୍ତିକେନ୍ଦ୍ରର ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଈପ୍ସିତା ରାଜପୁତ, ରମାକାନ୍ତ ସେଠୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଜିଲା ସଂଯୋଜକ ଆଶିଷ ରଞ୍ଜନ ଖମାରି ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ତ୍ତବ୍ୟ ପକ୍ଷରୁ ମତ୍ସ୍ୟସଖୀଙ୍କୁ ତାଲିମ



ତାଲିମ କାର୍ଯ୍ୟକ୍ରମରେ ଅଧିକାରୀମାନେ।

ଭବାନୀପାଟଣା, ୨୦।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ମତ୍ସ୍ୟ ଚାଷ କରି ଆଶାନୁରୂପକ ଉତ୍ପାଦନ ବୃଦ୍ଧି କରି ମତ୍ସ୍ୟ ଚାଷୀଙ୍କ ମନରେ ଉଲ୍ଲାସ ଆଣିବା ଦିଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା କର୍ତ୍ତବ୍ୟ ଦ୍ୱାରା ପ୍ରୟାସ ଜାରି ରହିଛି। ଏହି କ୍ରମରେ ପଞ୍ଚାୟତ ସ୍ତରରେ ମତ୍ସ୍ୟ ସଖିଙ୍କ ଉନ୍ନତ ମାଛ ଚାଷ ଉପରେ ଦକ୍ଷତା ବୃଦ୍ଧି କରିବା ଦିଗରେ ଶନିବାର ଜୁନାଗଡ଼ର ଏକ ହୋଟେଲଠାରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ରୁ ଉର୍ଦ୍ଧ୍ୱ ମତ୍ସ୍ୟସଖି ଯୋଗଦେଇଥିଲେ। ମାଛ ଚାଷର ବିଭିନ୍ନ ଦିଗ ଉପରେ ଅବସରପ୍ରାପ୍ତ ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିରଞ୍ଚି ନାରାୟଣ ରାଉତ ତାଲିମାର୍ଥୀଙ୍କୁ ଜ୍ଞାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଲଳିତ କୁମାର ମହାନନ୍ଦ, ଜିଲା ପ୍ରକଳ୍ପ ପରିଚାଳକ ରିଲାଏନ୍ସ ଫାଉଣ୍ଡେଶନ ଦେବେନ୍ଦ୍ର କୁମାର ପଟେଲ ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟଚାଷୀ ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସରକାରୀ ସହାୟତା ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ସଂଯୋଜକ ନିରାକର ଦଣ୍ଡସେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିକାଶ ଚନ୍ଦ୍ର ଚଣ୍ଡୀ, ରବୀନ୍ଦ୍ରନାଥ ବେହେରୁକ, ସଦାନନ୍ଦ ନାଗ, ରବୀନ୍ଦ୍ର ନାଏକ, ଯୁଗେଶ୍ୱର ମାଝୀ, ଗୁଆଦେଇ ଭୋଇ, ମାଧବୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ଅତିଥିମାନେ କଳାକାରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ନୂଆପଡ଼ା, ୨୦।୧୨ (ମକାରୁ ବେମାଲ)

**କୋସଲୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ**

ନୂଆପଡ଼ା ପୋଲିସ ପଡ଼ିଆ ରଙ୍ଗମଞ୍ଚଠାରେ ଶୁକ୍ରବାର ସନ୍ଧ୍ୟାରେ କୋସଲୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରଜିତସିଂ ମହାରଥାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ମୁଖ୍ୟ ଅତିଥି, ଓଡ଼ିଶା କ୍ରିକେଟ ସଂଘ ସଦସ୍ୟ ସରୋଜ କୁମାର ସାହୁ, ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ଜନଗଣନାରେ ଅଞ୍ଚଳବାସୀ ନିଜ ମାତୃଭାଷା କୋସଲୀ ଲେଖିବାକୁ ସଭାପତି ମହାରଥା ଆହ୍ୱାନ ଦେଇଛନ୍ତି। ପ୍ରଥମ ରଜନୀରେ ଟିଟିଲାଗଡ଼ର ଢାପ ପଏଁରି କଳା ପରିଷଦ, ସସ୍ମିତା ମହାନ୍ତି ଓ ଗ୍ରୁପ୍‌ଙ୍କ ଓଡ଼ିଶୀ ନୃତ୍ୟ, ମୟୂରଭଞ୍ଜର ଦୟାସାଗର ଛଉ ନାଟ୍ୟ ପରିଷଦର କଳାକାର ନିଜ କଳା ପ୍ରଦର୍ଶନ କରିଥିଲେ। ସେହିପରି ନୂଆପଡ଼ା ମହାମାୟା ପବ୍ଲିକ ସ୍କୁଲ, ନଟରାଜ ଡ୍ୟାନ୍ସ ଅନୁଷ୍ଠାନ, ଜ୍ଞାନଜ୍ୟୋତି ବିଦ୍ୟାଳୟ, ଖରିଆରରୋଡ୍ ଗୋପବନ୍ଧୁ ବିଦ୍ୟାପୀଠ, ଧରମବନ୍ଧା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଦ୍ୟାନବନ୍ଧ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ରାତିରେ କଣ୍ଠଶିଳ୍ପୀ ରୁକୁ ସୁନା ଓ ଗ୍ରୁପଙ୍କ ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଦର୍ଶକ ଝୁମି ଉଠିଥିଲେ। କୋଶଳୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ଅଶ୍ୱିନୀ କୁମାର ଭୋଇ ମଞ୍ଚ ପରିଚାଳନା ଓ ସାଧାରଣ ସମ୍ପାଦକ ରବି ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିଶ୍ରମ, ଶିଷ୍ଟାଚାର ସହ ଆଗକୁ ବଢ଼ିବାକୁ ପ୍ରେରଣା

ଭବାନୀପାଟଣା, ୨୦।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଏସ୍. ଏସ୍. ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ପଣ୍ଡା ସ୍ୱାଗତ ଭାଷଣରେ ବିଦ୍ୟାଳୟର ଶିକ୍ଷାଗତ ପ୍ରଗତି ଓ ସହପାଠ୍ୟକ୍ରମ କାର୍ଯ୍ୟକଳାପର ସଫଳତା ଉଲ୍ଲେଖ କରିଥିଲେ। ସେହିପରି ନିଜ ପ୍ରତିଭାକୁ ପାଥେୟ କରି ନିୟମିତ ପରିଶ୍ରମ ଓ ଶିଷ୍ଟାଚାର ସହ ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରେରଣା ଦେଇଥିଲେ। ଏହି ଅବସରରେ ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଗତ ବିଦ୍ୟାଳୟର ସମଗ୍ର ଶିକ୍ଷାମୂଳକ କାର୍ଯ୍ୟକଳାପ ଓ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶିତ ହୋଇଥିଲା। ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଅତିଥିଙ୍କ ସହ ପ୍ରତିଯୋଗୀମାନେ।

ପଲମ, ୨୦।୧୨ (ଭିକାରି ଗଉଡ଼)

କଳାହାଣ୍ଡିଜିଲା ନର୍ଲା ବ୍ଲକ୍‌ଅନ୍ତର୍ଗତ ନର୍ଲା ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ନାଏକ କ୍ରୀଡ଼ା ପତାକା ଉତ୍ତୋଳନକରି ଉତ୍ସବର ଉଦ୍‌ଘାଟନ କରିଥିଲେ। କଲେଜର କ୍ରୀଡ଼ା ଶିକ୍ଷକ କ୍ଷିତୀଶ ଚନ୍ଦ ବରର୍ତ୍ତିଙ୍କ ନେତୃତ୍ୱରେ ନର୍ଲା ଯୁକ୍ତ ୨ କଲେଜର ପିଇଟି ସମନ୍ତ ପୂଝାରୀ, ନର୍ଲା ରୋଡ୍ ଜୟଦୁର୍ଗା ପିଇଟି ନାରାୟଣ ପଧାନ ସମସ୍ତ ଇଭେଣ୍ଟ ପରିଚାଳନା କରିଥିଲେ। ୧୦୦ମି, ୨୦୦ମି ଦୌଡ଼ ଉଭୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୮୦୦ମି, ଦୌଡ଼ କେବଳ ଛାତ୍ରମାନଙ୍କ ମଧ୍ୟରେ ହୋଇଥିଲା। ସେହିଭଳି ଉଭୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲମ୍ଫ ଡିଆଁ, ଶର୍ଟପୁଟ ଥ୍ରୋ, ଡିସ୍‌କସ୍ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଗ୍ରୀ କଲେଜର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ନାଏକ ପ୍ରକାଶ କରିଛନ୍ତି।

# ରେଗଡ଼ାରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା

କର୍ଲାମୁଣ୍ଡା, ୨୦।୧୨ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠଠାରେ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ପକ୍ଷରୁ ଶନିବାର ଦୁଇଦିନିଆ କ୍ଷୁଦ୍ରସଶ୍ୟ ଖାଦ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପ୍ରଥମ ଦିବସରେ ରେଗଡା ରଜାପଡାଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳାଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ମିଲେଟ୍ସ ମଦର ନିଳେନ୍ଦ୍ରୀ ସାହୁ, ଚନ୍ଦ୍ରକାନ୍ତି ମିର୍ଦ୍ଧା ଯୋଗଦେଇ କ୍ଷୁଦ୍ରସଶ୍ୟରେ କିଭଳି ପିଠାପଣା ପ୍ରସ୍ତୁତ କରାଯାଇଥାଏ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ ଅତିଥି ଭାବେ କର୍ଲାମୁଣ୍ଡା ଖ ଯୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ରେଗଡା ସରପଞ୍ଚ ଦିପ୍ତିରାଣୀ ସାହୁ, ନାଏବ ସରପଞ୍ଚ ସନ୍ଧ୍ୟା ବାଗ, ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର କୁମାର ନାଏକ, ଓଡିଶା ଜୀବିକା ମିଶନ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ସରୋଜିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ତଥା କ୍ଷୁଦ୍ରସଶ୍ୟକୁ ଦୈନନ୍ଦିନ ଜୀବନରେ ଖାଦ୍ୟ ରୂପେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହାୟତା କରିଥିବା ବେଳେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



ସରପଞ୍ଚ ଉଦ୍‌ବୋଧନ ଦେଉଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

**ଖଡ଼ିଆଳ, ୨୦।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୁନିଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, ଅଧ୍ୟାପିକା ଡ଼. ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟ ବକ୍ତା ଓ ଉପକୁଳପତି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡ. ନିବେଦିତା ନାଥ, ଆଦର୍ଶ ବିଦ୍ୟାଳୟ ନୋଡାଲ ଅଧ୍ୟକ୍ଷ କ୍ଷତି ଭୂଷଣ ବିଶ୍ୱାଳ, ଖଡିଆଳ ବିଡ଼ିଓ ମିଲନ କୁମାର ଝାଙ୍କର, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପରେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ଉଦ୍‌ଘାଟିତ

ରୁପ୍ରା ରୋଡ୍, ୨୦।୧୨ (ସଞ୍ଜୀବ ଦାସ)



ରଜତ ଜୟନ୍ତୀ ଉପଲକ୍ଷେ ବାହାରିଥିବା ମଶାଲ ଶୋଭାଯାତ୍ରା।

ନର୍ଲା ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ରଜତ ଜୟନ୍ତୀ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଛାତ୍ରସଂସଦ ସଭାପତି ଓମ୍‌ପ୍ରକାଶ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଶୁଭ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବୈଦ୍ୟରାଜ ପବିତ୍ର ଶବର ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ମିହିର କୁମାର ଭୋଇ ଅତିଥି ପରିଚୟ ଦେଇଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସ୍ମରଣିକା 'ନମାମି' ଉନ୍ମୋଚିତ ହୋଇଥିଲା। ପ୍ରତିଷ୍ଠାତା କମିଟିର ସଦସ୍ୟ ଏବଂ ବ୍ୟାଚ୍ ଟପ୍ପରଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ସୌମ୍ୟା ସୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସରିଆଁ ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା। ଦ୍ୱିତୀୟ ଅଧିବେଶନରେ ଗୁରୁ ପୂଜନ ଓ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସୁରଭି କାର୍ଯ୍ୟକ୍ରମ

ନୂଆପଡ଼ା, ୨୦।୧୨ (ମକାରୁ ବେମାଲ)

ନୂଆପଡ଼ା ପିଏମ୍‌ଶ୍ରୀ ନ୍ୟାଶନାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି, ଯୁଗ୍ମ ନିର୍ଦ୍ଦେଶକ ଓସେପା ପ୍ରଣୟ କୁମାର ନାୟକ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର, ଡ. ରେଶମ ଲାଲ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦର୍ଶନୀରେ ମୋଟ ୩୫ଟି ଓ ଶକ୍ତି କ୍ଲବ ପ୍ରଦର୍ଶନୀରେ ୫୦ ପ୍ରକଳ୍ପ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ଶିଶୁ ବୈଜ୍ଞାନିକଙ୍କ ପ୍ରକଳ୍ପ ବୁଲି ଦେଖିବା ସହ ବୈଜ୍ଞାନିକ ଚିନ୍ତାଧାରାର ଆଦାନ ପ୍ରଦାନ କରିଥିଲେ। ଉଦଯାପନୀ ସମାରୋହରେ ବିଧାୟକ ଖଡ଼ିଆଳ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଆରକ୍ଷୀ ଅଧୀକ୍ଷକ ନୂଆପଡ଼ା ଅମ୍ରିତପାଲ ସିଂହ, ଶିକ୍ଷାବିତ୍ ଶିବ ପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖଡିଆଳ ଚନ୍ଦ୍ରଶେଖର ଚାନ୍ଦ୍ରକାର ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଚୟନ ହୋଇଥିବା ପ୍ରକଳ୍ପ ଆସନ୍ତା ୨୬ ଡ଼ିସେମ୍ବରରେ କେଉଁଝର ଜିଲାରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସୁରଭି କାର୍ଯ୍ୟକ୍ରମରେ ଆୟୋଜିତ ୨୯ଟି ବିଭାଗର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ କରକମଳରେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶଙ୍କର୍ଷଣ ପୁରୋହିତ ଓ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା ।



ମଞ୍ଚାସୀନ ଅତିଥି ବୃନ୍ଦ ।

# ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ବିଜେଡିର ଦାବିପତ୍ର

**ବନ୍ଧୁକ ମୁନରେ ଲୁଟ ଘଟଣା**

ଭବାନୀପାଟଣା, ୨୦।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ପୋଲିସ ଏକ ଡକାୟତି ମାମଲାରେ ବୁଧବାର ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ଜୁନାଗଡ଼ ଥାନା ଅନ୍ତର୍ଲା ଗ୍ରାମର କାହ୍ନୁ ବରିହା (୩୩), ପୋରା ଗାଁର ଦେବେନ୍ଦ୍ର ସାହୁ (୩୮) ଓ ଗୋଲାମୁଣ୍ଡାର ବସନ୍ତ ଚଲାନ (୩୬)। ଗତ ସୋମବାର ରାତିରେ ଜୁନାଗଡ଼ ସହର କଲମପୁର ଛକ ନିକଟ ଏନ୍‌ଏଚ୍ ୨୬ରେ ଏକ ପିକ୍‌ଅପ୍ ଖରାପ ହୋଇ ଅଟକିଥିଲା। ଏହି ସମୟରେ ଅଭିଯୁକ୍ତ କାହ୍ନୁ ଓ ଦେବେନ୍ଦ୍ର ଏକ ବାଇକ୍‌ରେ ଆସି ପିକ୍‌ଅପ୍‌ରେ ବସିଥିବା ଯୁବକଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ସାଢେ ୩ହଜାର ଟଙ୍କା ଲୁଟିନେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ତନାଘନାକରି ୨ ଡକାୟତଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ବାଇକ୍ (ନଂ.ଓ୦୮-ଆର୍‌୯୫୩୬) ସହ ରିଭଲଭର ଓ ନଗଦ ୨୬ଶହ ଟଙ୍କା, ଅଫୁଟା ଗୁଳି ଜବତ କରିଥିଲା। ଅଭିଯୁକ୍ତ ଦେବେନ୍ଦ୍ର ବର୍ଷକ ତଳେ ଗୋଲାମୁଣ୍ଡାର ବସନ୍ତ ଚଲାନଙ୍କୁ ୪୦ ହଜାର ଟଙ୍କା ଦେଇ ରିଭଲଭର ଓ ଗୁଳି କିଣିଥିଲେ। ପରେ ପୋଲିସ ବସନ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ ନେଇ ଶନିବାର ବିଜେଡିର ଏକ ପ୍ରତିନିଧି ଦଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତକରି ଘଟଣାର ତଦନ୍ତ କରି ବେଆଇନ ବନ୍ଧୁକ କାରବାରରେ ଜଡ଼ିତ ଥିବା ରାକେଟର ପର୍ଦ୍ଦାଫାଶ କରାଯିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପାର ବରିଷ୍ଠ ନେତାଙ୍କ ସହ ଚୋରା ବନ୍ଧୁକ ଯୋଗାଇଥିବା ବସନ୍ତଙ୍କ କ'ଣ ସମ୍ପର୍କ ରହିଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ପୌରାଧ୍ୟକ୍ଷ ସଂଯୁକ୍ତା ବେହେରା, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜୋନ୍ ସଭାପତି ମନିନ୍ଦ୍ର ମହାନ୍ତି, ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଯୁବନେତା ପୀତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଏସ୍‌ପିଙ୍କୁ ବିଜେଡି ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ସାଜସଜ୍ଜା ଅନନ୍ୟ, ଅପେକ୍ଷାରେ ଅଭିନୟ

**ବରଗଡ଼,୨୦।୧୨(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା। ଆସନ୍ତା ୨୪ରୁ ଏହି ମହୋତ୍ସବ ଆରମ୍ଭ ହେବ। ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହା ଚାଲିବ। ଏହି ମହୋତ୍ସବରେ ୧୧ଦିନ ବ୍ୟାପୀ ବରଗଡ଼ରେ ଚାଲିବ କଂସ ରାଜୁତି। ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ମଝିରେ ବୋହିଯାଇଥିବା ଜୀରାନଦୀ ହେବ ଯମୁନା। ଏହି ମହୋତ୍ସବକୁ ଆଉମାତ୍ର ୪ଦିନ ବାକି। ଏଥିପାଇଁ ସାଜସଜ୍ଜା ଜୋର୍‌ସୋର୍‌ରେ ଚାଲିଛି। ରାସ୍ତାଘାଟ ପ୍ରଶସ୍ତୀକରଣ ଚାଲିଛି। ରାଜ ଦରବାର, ରଙ୍ଗମହଲ ମଞ୍ଚ ନିର୍ମାଣରେ ମଧ୍ୟ କାରିଗର ଲାଗି ପଡ଼ିଛନ୍ତି। ଉଭୟ ବରଗଡ଼, ଅମ୍ବାପାଲିର ମୁଖ୍ୟ ପ୍ରବେଶଦ୍ୱାରରେ ସ୍ଥାୟୀ, ଅସ୍ଥାୟୀ ତୋରଣ ନିର୍ମାଣ ହେଉଛି। ଏବେଠାରୁ ଆଲୋକମାଳାରେ ସହର ଝଲସି ଉଠିଲାଣି। ଅନ୍ୟବର୍ଷ ଅପେକ୍ଷା ଏଥର ସାଜସଜ୍ଜା ଆକର୍ଷଣୀୟ ହେବ। ଏବେଠାରୁ ତାହା ଆପେ ବାରି ହୋଇପଡ଼ିଲାଣି। କିନ୍ତୁ ବରଗଡ଼ ଧନୁଯାତ୍ରା ମହୋତ୍ସବର ପରମ୍ପରା ଅନୁଯାୟୀ, ଦୀର୍ଘ ୩ବର୍ଷ ପରେ ଏଥର କଳାକାର ଚୟନ କରାଯାଇଛି। ଚୟନ ପ୍ରକ୍ରିୟାରେ ଅନେକ ପୁରୁଣା କଳାକାର ବାଦ୍ ପଡ଼ିଛନ୍ତି। ମୁଖ୍ୟ ଚରିତ୍ର କଂସଙ୍କ ସମେତ ଅନ୍ୟ ଚରିତ୍ରରେ ମଧ୍ୟ ଏକାଧିକ ପାର୍ଶ୍ୱ କଳାକାରଙ୍କୁ ଏଥର ଧନୁଯାତ୍ରା ମହୋତ୍ସବରେ ପ୍ରଥମଥର ପାଇଁ ସୁଯୋଗ ମିଳିଛି। ସାଜସଜ୍ଜାକୁ ନେଇ ସବୁଠି ପ୍ରଶଂସା କରାଯାଉଛି, ମାତ୍ର ନୂତନଭାବେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଅବତୀର୍ଣ୍ଣ ହୋଇଥିବା କଳାକାରଙ୍କ ଅଭିନୟ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ନୂଆ କଳାକାରଙ୍କ ଅଭିନୟ ମଧ୍ୟ ଉଚ୍ଚକୋଟୀର ହେବ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି। ସାଜସଜ୍ଜା ଯେତେ ଆକର୍ଷଣୀୟ ହୋଇଛି, କଳାକାରଙ୍କ ଅଭିନୟ ମଧ୍ୟ ପୂର୍ବାପେକ୍ଷା ଅଧିକ ମନଛୁଆଁ ହେବ ବୋଲି ଲୋକେ ଚାହିଁ ବସିଛନ୍ତି।



ବରଗଡ଼ ସହରରେ ଧନୁଯାତ୍ରା ମହୋତ୍ସବର ନବନିର୍ମିତ ସ୍ଥାୟୀ ତୋରଣ।



ବରଗଡ଼ ଗାନ୍ଧିଛକ କଲ୍ୟାଣମଣ୍ଡପରେ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ।

## ଏମାନେ ଯାହା କୁହନ୍ତି...

ବରଗଡ଼ ଧନୁଯାତ୍ରା ମହୋତ୍ସବ

### ଭବ୍ୟ ଓ ଦିବ୍ୟ ହେବ ଧନୁଯାତ୍ରା



“ଧନୁଯାତ୍ରା ମହୋତ୍ସବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଜିଲା ପ୍ରଶାସନ ଜନ ସାଧାରଣଙ୍କ ସହଯୋଗରେ ଦିନରାତିକୁ ଏକ କରି ଦେଇଛନ୍ତି। ସମସ୍ତେ ଯେଭଳି ଏହି ମହୋତ୍ସବର ଦୃଶ୍ୟାଭିନୟ ଗୁଡ଼ିକୁ ଉପଭୋଗ କରି ପାରିବେ, ସେଥିପାଇଁ ଏଲ୍‌ଇଡ଼ି, ଟିଭି ସମେତ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଉଛି। ଦ୍ୱାପର ଯୁଗ ଭଳି ବରଗଡ଼ ସହରକୁ ମଥୁରାନଗରୀ ଏବଂ ଅମ୍ବାପାଲିକୁ ଗୋପପୁର ରୂପ ଦେବା ପାଇଁ ଉଦ୍ୟମ କରାଯାଇଛି। ଏହି କ୍ରମରେ ରାଜ ଦରବାର, ରଙ୍ଗମହଲ ସମେତ ଅନ୍ୟ ମଞ୍ଚ ନିର୍ମାଣ ଚାଲିଛି। ଅନ୍ୟବର୍ଷ ତୁଳନାରେ ଏଥର ବରଗଡ଼ ଧନୁଯାତ୍ରା ଭବ୍ୟ ଓ ଦିବ୍ୟ ହେବ ବୋଲି ଆଶା କରାଯାଉଛି।

**–ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଧାୟକ, ବରଗଡ଼**

### ତ୍ରୁଟି ଦେଖିଲେ ସଂଶୋଧନ କରିବା



“ଚଳିତ ୭୮ତମ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାକୁ ଅଭିନୟ କ୍ଷେତ୍ରରେ ବହୁ ଶାଣିତ କରିବା ପାଇଁ ଚୟନ ହୋଇଥିବା ନୂତନ କଳାକାରମାନେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି। ଉପଦେଷ୍ଟା ମଣ୍ଡଳୀ ତାଙ୍କୁ ପୂର୍ଣ୍ଣମାତ୍ରାରେ ଦିଗଦର୍ଶନ ଦେଇଛନ୍ତି। ଆଖଡ଼ାଶାଳରେ ଭୁଲ୍ ହେଉଥିବା ଅଭିନୟକୁ କେମିତି ଠିକ୍ ହେବ, ସେ ବିଷୟରେ ଦିଗଦର୍ଶନ ଦିଆଯାଏ। ଆଖଡ଼ାକୁ ଦେଖି କୌଣସି ଭୁଲ ମନ୍ତବ୍ୟ ଦେବା ଠିକ୍ ନୁହେଁ, ଯଦି ମଞ୍ଚ ଉପରେ କୌଣସି ତ୍ରୁଟି ଦେଖାଯାଏ, ତାହାହେଲେ ଆମେ ତାର ସଂଶୋଧନ ପାଇଁ ଚେଷ୍ଟା କରିବା।

**–ପ୍ରଶାନ୍ତ ମହାପାତ୍ର, ସଭ୍ୟ କଳାକାର ଉପଦେଷ୍ଟା ମଣ୍ଡଳୀ**

### ଅଭିଜ୍ଞଙ୍କୁ ଅଣଦେଖା



“ଧନୁଯାତ୍ରାର ବିଭିନ୍ନ କମିଟିରେ ଅଭିଜ୍ଞ ଲୋକଙ୍କୁ ସ୍ଥାନ ଦେବା ଦରକାର। କିନ୍ତୁ ବରଗଡ଼ ଧନୁଯାତ୍ରାରେ ତାହା ଦେଖିବାକୁ ମିଳୁ ନାହିଁ। ସାଜସଜ୍ଜା ନିଶ୍ଚିତଭାବେ ଅନ୍ୟବର୍ଷ ଅପେକ୍ଷା ଅଧିକ ଉନ୍ନତମାନର ହେଉଛି। ତୋରଣମାଳା ଆହୁରି ଚିତ୍ତାକର୍ଷକ ହେଉଛି। ଦର୍ଶକଙ୍କ ଗମନାଗମନ ପାଇଁ ଯାତାୟାତ ବ୍ୟବସ୍ଥା ବହୁତ ଭଲ କରାଯାଉଛି। ଅଭିନୟ ଆଶାନୁରୂପ ହେବାର ବିରାଟ ଆଶଙ୍କା ରହିଛି। କାହିଁକିନା ଏଥର ଅନେକ ନୂଆଁ କଳାକାର ସ୍ଥାନ ପାଇଛନ୍ତି। ତଥାପି ନୂଆଁ କଳାକାରମାନେ ମଧ୍ୟ ଭଲ ଅଭିନୟ କରିବେ ବୋଲି ଆମେ ଆଶା କରିଛୁ।

**–ରାଜେନ୍ଦ୍ର ସିକନ୍ଦର, ଆର୍ଟିଷ୍ଟ ଏଣ୍ଡ ଡିଜାଇନର, ବରଗଡ଼**

### ପ୍ରସ୍ତାବ, ଦାୟିତ୍ୱରେ ତାଳମେଳ ରହୁନି



“ଧନୁଯାତ୍ରା ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରତିବର୍ଷ ଉଦ୍ୟମ କରାଯାଉଛି। ଏହା ପୂର୍ବରୁ ବୈଠକ ମଧ୍ୟ ବସୁଛି। ବୈଠକରେ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନେକ ପ୍ରସ୍ତାବ ନିଆଯାଉଛି। ଏଥିପାଇଁ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଉଛି। କିନ୍ତୁ ବୈଠକରେ ଯେଉଁ ପ୍ରସ୍ତାବ ନିଆଯାଉଛି, ଦାୟିତ୍ୱ ନିର୍ବାହରେ ତାହା ପରିଲକ୍ଷିତ ହେଉ ନାହିଁ। ବୈଠକର ପ୍ରସ୍ତାବ ଅନୁଯାୟୀ ଯଦି ସବୁ କମିଟି ଠିକ୍ ଭାବେ ଦାୟିତ୍ୱ ସମ୍ପାଦନ କରିବେ, ମହୋତ୍ସବ ଅଧିକ ଉଚ୍ଚକୋଟୀର ହେବ, ଏଥିରେ ସନ୍ଦେହ ନାହିଁ।

**–ହରିହର ପ୍ରଧାନ, ଆଇନଜୀବୀ, ବରଗଡ଼**

### ହସ ଭିତରେ ସୀମିତ ନ ରହୁ କଂସଙ୍କ ଅଭିନୟ



“ବରଗଡ଼ ଧନୁଯାତ୍ରାକୁ ନେଇ ଆଜି ଉତ୍ସାହ ଦେଖାଯାଇଛି, ସାଜସଜ୍ଜା ଓ ତୋରଣରୁ ତାହା ବାରିହୋଇ ପଡୁଛି। ଆଜି ପର୍ଯ୍ୟନ୍ତ ତାହା ଦେଖାଯାଇ ନ ଥିଲା। ଅଭିନୟ ବି ସେଭଳି ହେବା କଥା। କଂସକୁ କେବଳ ରାକ୍ଷସଭାବେ ସୀମିତ କରା ନ ଯାଉ। କଂସର ଅଭିନୟ କେବଳ ହସ ଭିତରେ ରହିଯାଉଛି। ସଂଳାପ ପ୍ରତି ଟିକିଏ ଜୋର୍ ଦିଆଯାଉ। ଦର୍ଶକ ଆହୁରି ଆକର୍ଷିତ ହେବେ। ପିଲାବେଳୁ ଦେଖୁଥିଲୁ, ପୂର୍ବତନ କଂସ ମହାରାଜ ସ୍ୱର୍ଗତ ଯୁଧିଷ୍ଠିର ଶତପଥୀ ଯେତେବେଳେ ମଞ୍ଚକୁ ଆସୁଥିଲେ, ତାଙ୍କ ଗାମ୍ଭୀର୍ଯ୍ୟତା ଦେଖିବା ପାଇଁ ରାସ୍ତାଘାଟରେ ମଧ୍ୟ ଲୋକଙ୍କ ଗହଳି ହେଉଥିଲା। ମହାରାଜଙ୍କ ପ୍ରତି ସେତେବେଳେ ଲୋକଙ୍କ ସମ୍ମାନ ମଧ୍ୟ ଜାତ ହେଉଥିଲା। ଯେତେବେଳେ ସେ ମଞ୍ଚ ଉପରେ ଚଢୁଥିଲେ, ସେତେବେଳେ ଶିବଙ୍କ ଶ୍ଳୋକ ଉଚ୍ଚାରଣ କରୁଥିଲେ। କିନ୍ତୁ ଏବେ ତାହା ଦେଖିବାକୁ ମିଳୁପାରୁ ନାହିଁ।

**–ଲିଟୁ ମହାନ୍ତି, ଚଳଚ୍ଚିତ୍ର ନିର୍ଦ୍ଦେଶକ**

# ପାଇକମାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

**ପାଇକମାଲ, ୨୦।୧୨(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଇକମାଲ ବ୍ଲକ ଚେୟାରମ୍ୟାନ ଭାବନା ସିଂ, ମୁଖ୍ୟବକ୍ତା ଟାଇଲ ଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ବଡ ଶତପଥୀ, ସୁରଥ ସାହୁ, କୁଞ୍ଜ ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରଥମେ ନିରୁପମା ସାହୁ, ଖେଳ ଶିକ୍ଷକ ଅମିତ ସାହୁ ଓ ପୂର୍ବତନ ଛାତ୍ର ବିନୋଦ କାଳିଆ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଉତ୍ସବରେ ଯଶୋବନ୍ତ ସାହା ଏବଂ ଦୟାନିଧି ସାହୁ ସାହାଯ୍ୟ କରିଥିବାବେଳେ ଜ୍ୟୋତିର୍ମୟୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପାଇକମାଳର ଶିବ ମନ୍ଦିରଠାରୁ ୫ ଜଣ ଛାତ୍ର ମଶାଲ ଆଣିବା ପରେ କ୍ରୀଡ଼ା ଆରମ୍ଭ କରାଯାଇଥିଲା। ଏହି କ୍ରୀଡ଼ାରେ ସର୍ବମୋଟ ୨୦ଟି ଇଭେଣ୍ଟ ରହିଥିଲା। ୧୬୦ ଛାତ୍ରୀଛାତ୍ର କ୍ରୀଡା ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ରଜତ କୁମାର ମିଶ୍ର ଖେଳ ପରିଚାଳନାରେ ସାହାଯ୍ୟ କରିଥିଲେ। ବିଦ୍ୟାଳୟର ସୁଦାମ ପାଣ୍ଡେ, ମନୋଜ ସାହୁ, ସ୍ୱାଧୀନ ବେହେରା, ଲଳିତ କୁମାର ବିଶ୍ୱାଳ, ରଜତ କୁମାର ସାହୁ, ଛବିଳ ସେଠ, ଶିବମ ନାଏକ, ମୀନା କୁମାରୀ ଦାସ, ସୁଶୀଳା, ରବିନାରାୟଣ ମଟାରି, ପଦ୍ମଲୋଚନ ବିଜିରା ସହଯୋଗ କରିଥିଲେ। ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରବନ୍ଧ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସମ୍ମାନ



ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଏକଦିବସୀୟ ସମ୍ମାନରେ ମଞ୍ଚାସୀନ ଅଧ୍ୟାପିକା, ଅଧ୍ୟାପକ।

**ଝାରବନ୍ଧ, ୨୦।୧୨(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଏକଦିବସୀୟ ସମ୍ମାନ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ଗଙ୍ଗାଧର ସାହିତ୍ୟ : ଏକ ଅଧ୍ୟୟନ' ବିଷୟ ଉପରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ। ନାଟ୍ୟକାର ଅଶୋକ କୁମାର ବହିଦାର, ଅଧ୍ୟାପକ ସରୋଜ କୁମାର ନାୟକ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଓ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ପ୍ରମୁଖ ଆଲୋଚକ ଭାବରେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ରୀତାଞ୍ଜଳି ଗୁରୁ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ଡ. ରଶ୍ମିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଶ୍ରୀ ମନୀଷା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଅନିତା, ନିରୁପମା, ଜ୍ୟୋସ୍ନା, ପୂଜା, ଲିଜା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ବିଭାଗୀୟ ଛାତ୍ରୀଛାତ୍ରମାନେ ଗଙ୍ଗାଧର ସାହିତ୍ୟ ଉପରେ ବିଷଦ ଆଲୋଚନା କରିଥିଲେ। ଉକ୍ତ ସଭାରେ ଅଧ୍ୟାପିକା ଯାଜ୍ଞସେନି ନାୟକ, ଅଧ୍ୟାପକ ନବୀନ କୁମାର ମେହେର, ଅଧ୍ୟାପକ ଗଗନ ବିହାରୀ ଦନସନା, ଅଧ୍ୟାପକ ଡ. ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକା ରଶ୍ମୀ ମହାଲିଙ୍ଗ, ଅଧ୍ୟାପିକା ମିନପ୍ରଭା ପ୍ରଧାନ, ଅଧ୍ୟାପକ ମୁକେଶ ବାଗ, ଅଧ୍ୟାପକ ଚନ୍ଦ୍ରମଣି ବାଗ, ଅଧ୍ୟାପିକା କୁନି ସାହା, ଅଶୋକ ହାତୀ, ବଲ୍ଲଭ କୁମାର ମିର୍ଦ୍ଧା, ଅଞ୍ଜନ କୁମାର ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ, ମଦନ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଚାରପାଲି, କନସିଂହା କ୍ଲଷ୍ଟର୍ ସ୍ତରୀୟ ବୈଠକ

**ପଦ୍ମପୁର, ୨୦।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଚାରପାଲି, କନସିଂହା କ୍ଲଷ୍ଟର୍‌ର ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ବରିହାପାଲି ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜପ ରଣା, ମୁଖ୍ୟ ଅତିଥି ନୂଆପାଲି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ବାଗ, ମୁଖ୍ୟବକ୍ତା କନସିଂହା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷପତି ସ୍ୱାଇଁ, ସିଆରସିସି ପରମେଶ୍ୱର ବିଶି ଏବଂ ଉଭୟ କ୍ଲଷ୍ଟର୍‌ର ସମସ୍ତ ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବୈଠକରେ ଆସ ସ୍କୁଲ ଯିବା, ଉଲ୍ଲାସ, ସାକ୍ଷରତା ମିଟର, ଶିକ୍ଷଣ ସୋପାନ, ପରୀକ୍ଷା ପେ ଚର୍‌ଚା ଏବଂ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଗାଇଡ୍ ଲାଇନ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏବିଇଓ ଜୟକୁମାର ସାହୁ ଯୋଗଦାନ କରିଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

# ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକୋତ୍ସବ

**ଅତାବିରା/ଗୋଡଭଗା, ୨୦।୧୨ (ଯୁଧିଷ୍ଠିର ମହାପାତ୍ର / ସୁରେଶ ଦାଶ):** ବରଗଡ଼ ଜିଲା ଗୋଡଭଗା କେମ୍ପ ସ୍ଥିତ ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତଦଶ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ନାଉରୀ ନାୟକ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭା ମଞ୍ଚରେ ମୁଖ୍ୟ ଅତିଥିଙ୍କ ସହ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ତଥା ସୁବକ୍ତା ରାମଚନ୍ଦ୍ର ଡନସନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କର୍ଣ୍ଣ, ସମ୍ପାଦକ କୃଷ୍ଣଚନ୍ଦ୍ର ସାଥୁଆ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ବିଶ୍ୱାଳ ମଞ୍ଚାସୀନ ଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ଏହି ବାର୍ଷିକୋତ୍ସବରେ ଛାତ୍ରୀଛାତ୍ରଙ୍କ ପିତାମାତା ଓ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇ ଉତ୍ସାହିତ କରିଥିଲେ।

# ଆତ୍ମନିର୍ଭର ଭାରତ ସଂକଳ୍ପ ସମାରୋହ

**ପାଇକମାଳ, ୨୦।୧୨(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟ ପରିସରରେ 'ଆତ୍ମ ନିର୍ଭର ଭାରତ' ଅଭିଯାନ ଅଧିନ ଏକ ଶପଥପାଠ ସମାରୋହ ଶନିବାର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ସଭାପତିତ୍ୱ କରି ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱଦେଶୀ ଦ୍ରବ୍ୟ, ଭାଷା, ଜ୍ଞାନକୌଶଳର ପ୍ରସାର ସହିତ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦ୍ୱାରା ହିଁ ସମୃଦ୍ଧ ଭାରତ ଗଠନ ସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ କରିଥିଲେ। ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସମସ୍ତେ ଅଂଶୀଦାର ହେବା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଶତାଧିକ ଛାତ୍ରୀଛାତ୍ର ସାମୂହିକ ଶପଥ ପାଠ କରିଥିଲେ। ସଭା ଶେଷରେ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଭିତରେ ଜାତୀୟ ଚେତନା ଜାଗ୍ରତ କରିବା ସହିତ ବିଶ୍ୱସ୍ତରରେ ଭାରତକୁ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା।



ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ସାମୂହିକ ଶପଥ ପାଠ କରୁଛନ୍ତି।

# ଟେମରୀ ହାଇସ୍କୁଲର ବାର୍ଷିକ ଉତ୍ସବ




ଟେମରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀ।

**ପାଇକମାଳ, ୨୦।୧୨(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଟେମରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର, ଟେମରୀ ସରପଞ୍ଚ ଦିଲ୍ଲୀପ ବେହେରା, ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଦହିତାର ଓଡ଼ିଆ ଅଧ୍ୟାପକ ଲମ୍ବୋଦର ତାଣ୍ଡି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡୋଲାମଣୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ସାପ୍ରା ପ୍ରିୟଦର୍ଶିନୀ ଭୋଇ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପାଇଁ ଖଜୁରୀପତ୍ରରେ ଫୁଲତୋଡ଼ା ତିଆରି କରିଥିବା ପୁରାତନ ଛାତ୍ର ମୁରାରୀ ବିଶ୍ୱାଳ, ଗତବର୍ଷ ବିଦ୍ୟାଳୟର ମାଟ୍ରିକ ଟପର ସାଗରିକା ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶ ଯେ, ପାଇକମାଳ ଟେମରୀ ଉପାନ୍ତ ଅଞ୍ଚଳରେ ୧୦୯ ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା ଟେମରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ୯୪ ପ୍ରତିଶତ ପାସହାର ରହି ଗୌରବ ଅର୍ଜନ କରିଛି। ଏତିକି ନୁହେଁ, ଛାତ୍ରୀମାନେ ପାଲା ଗାଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି।

# ବଡ ମଣିଷ ଅପେକ୍ଷା ଭଲ ମଣିଷ ହୁଅ

## କଂଠଉମାଲ ବୀରେନ୍ଦ୍ର କୁମାର ସାହୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗାଇସିଲେଟ, ୨୦।୧୨(ଦୁର୍ଗା ପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ କଂଠଉମାଲଠାରେ ଥିବା ବୀରେନ୍ଦ୍ର କୁମାର ସାହୁ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍ୱର୍ଗତ ବୀରେନ୍ଦ୍ର କୁମାର ସାହୁଙ୍କ ଜ୍ୟେଷ୍ଠପୁତ୍ର ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭୁବନ୍ଦେ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉତ୍ସବରେ ସ୍ଥାନୀୟ ବିଧାୟକ ସନତ କୁମାର ଗଡତିଆ ମୁଖ୍ୟଅତିଥି, ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଡିଓ ଲକ୍ଷ୍ମଣ ମାଝୀ, ଗୁଦେରପାଲି ମହାବିଦ୍ୟାଳୟ ସମ୍ପାଦକ କିଶୋରଚନ୍ଦ୍ର ଦେବତା, ସ୍ଥାନୀୟ ସରପଞ୍ଚ ଶେଷଦେବ ପଧାନ, ମହାବିଦ୍ୟାଳୟ ସମ୍ପାଦକ ଦେବେନ୍ଦ୍ର କୁମାର ଯୋଷୀ ମଞ୍ଚାସୀନ ଥିଲେ। ପ୍ରଥମେ ୰ବୀରେନ୍ଦ୍ର କୁମାର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମା'ବୀଣାପାଣି, ମା' ସମଲେଇଙ୍କ ଫଟୋଚିତ୍ରରେ ଦୀପଜାଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ଭାବନା ସେଟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଡ. ତ୍ରିପାଠୀ ବଡ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭା ପରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହା ସହ ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଖେଳଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କୁ ନାଟ୍ୟ ନିର୍ଦ୍ଦେଶନା ସକାଶେ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଓ ଏକାଙ୍କିକା ପରିବେଷଣ କରାଯାଇଥିଲା।




ବୀରେନ୍ଦ୍ର କୁମାର ସାହୁ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର,୨୦।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋଟିଏ ଶିକ୍ଷା ବର୍ଷ ଅଧ୍ୟୟନ ଏବଂ ଶିକ୍ଷାଦାନ ମଧ୍ୟରେ ସମସ୍ତଙ୍କ ଆଶା ଏବଂ ଆକାଂକ୍ଷାର ସଫଳ ପାରଦର୍ଶିତା ବାର୍ଷିକ ଉତ୍ସବରେ ହିଁ ପ୍ରତିଫଳିତ ହୋଇଥାଏ। ନିଜର ଅନ୍ତର୍ନିହିତ ଗୁଣକୁ ସାମ୍ନାକୁ ଆଣିବା ପାଇଁ ଏହି ଦିନକୁ ସମସ୍ତ ବିଦ୍ୟାର୍ଥୀ ଅପେକ୍ଷା କରିଥାନ୍ତି। ଯେଉଁଥି ପାଇଁ ସମସ୍ତ ଅନୁଷ୍ଠାନରେ ପ୍ରତିବର୍ଷ ବାର୍ଷିକ ଉତ୍ସବ ପାଳନ ହୁଏ। ଏହି କ୍ରମରେ ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ବାର୍ଷିକ ଉତ୍ସବ ହୋଇଥିଲା। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷା ପଦ୍ମିନୀ ଦାଶ ସଭାପତିତ୍ୱ କରିଥିଲେ। ସମ୍ପାଦିକା ମମତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷାସିଂ ବରିହା ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରବୀନ୍ଦ୍ର ଗଡତିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଦୃଷ୍ଟିରେ ନାରୀ ପ୍ରସଙ୍ଗରେ ଅଭିଭାଷଣ ପ୍ରଦାନ କରିଥିଲେ। ନୃତ୍ୟ ନାଟିକା 'ପବିତ୍ର ବନ୍ଧନ' ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ନୃତ୍ୟ ନାଟିକା ବେଶ ଚମତ୍କାର ଓ ହୃଦୟସ୍ପର୍ଶୀ ହୋଇଥିଲା। ମୁଖ୍ୟ ଅତିଥି ବିଧାୟିକା ବର୍ଷା ସିଂ ବରିହା ନାରୀ ସଶକ୍ତିକରଣ ଏବଂ ସମାଜରେ ନାରୀମାନଙ୍କ ଭୂମିକା ଏବଂ ଶିକ୍ଷା ସହିତ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣ ସାମ୍ନାକୁ ଆଣିବା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ନିରୋଜ ଦୋରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଥନୀତି ଅଧ୍ୟାପକ ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ ଅତିଥି ପରିଚୟ, ସଂସ୍କୃତ ଅଧ୍ୟାପକ କୃଷ୍ଣଚରଣ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଏବଂ ଅମିତା ପତି ମଞ୍ଚ ପରିଚାଳନା କରିଥିଲେ। ଆଭାମାୟୀ ଶତପଥି, ଡଲି ସାହୁ, ନୀଳିମା ପ୍ରଧାନ, ଲିସାରାଣୀ ମିଶ୍ର, ନୀଲେଶ ନେଗୀ, ଅଭିଜିତ ପାଣିଗ୍ରାହୀ, ସନତ ମିଶ୍ର, ପାୟଲ ମୋଦି, ଉର୍ମିଳା ପଣ୍ଡା, ସୁକୁମାରୀ ତାଣ୍ଡି, ଦିଲ୍ଲୀପ କୁମାର ବେହେରା, ମନ୍ଦାକିନୀ ପାଣ୍ଡେ, ଗୋବିନ୍ଦ ପଣ୍ଡା, ଯୁବରାଜ ବେହେରା, ଭୋଜରାଜ ପ୍ରଧାନ, ହିତେଶ ସାହୁ,କିସନ ଗହୀର ପ୍ରମୁଖ ବିଦ୍ୟାଳୟ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।




ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ପବିତ୍ର ବନ୍ଧନ ନୃତ୍ୟ ନାଟିକା ପରିବେଷିତ

# ୪ ଆନ୍ତଃ ରାଜ୍ୟ ଠକ ଗିରଫ

## ବେଆଇନ ଲଟେରି ର୍‍ୟାକେଟର ପର୍ଦ୍ଦାଫାଶ

ରାଉରକେଲା,୨୦।୧୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଚାଲିଥିବା ଏକ ନକଲି ଲଟେରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୪ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ସାସାରାମ ଜିଲା ତଥା ବର୍ତ୍ତମାନ ରାଉରକେଲା ମେନ୍‌ରୋଡ୍‌ରେ ରହୁଥିବା ସଞ୍ଜୟ ସାହୁ(୫୧), ପଶ୍ଚିମବଙ୍ଗର ମୂଳ ନିବାସୀ ତଥା ବର୍ତ୍ତମାନ ସେକ୍ଟର-୧୫ରେ ରହୁଥିବା ରାଜେଶ କୁଣ୍ଡୁ(୫୦), କଟକ ନିବାସୀ ତଥା ସେକ୍ଟର-୨ର ଟୁକୁନା ମଲ୍ଲିକ(୪୮) ଏବଂ ଜଗଦାର ଉତ୍ତମ ଘୋଷ(୬୬)। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୩୯/୨୫) ରୁଜୁ କରିଛି। ଏ ନେଇ ଶନିବାର ସନ୍ଧ୍ୟା ୬ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ପାନପୋଷ ଏସ୍‌ଡ଼ିପିଓ ରଶ୍ମିରଞ୍ଜନ ମହାପାତ୍ର, ଡିଏସ୍‌ପି ଜୋନ୍-୧ ଯୋଗେଶ ପଣ୍ଡା, ପ୍ଲାଣ୍ଟସାଇଟ୍ ଥାନାଧିକାରୀ ବିବସ୍ୱ ପ୍ରଧାନ, ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ପ୍ରଦାନ କରୁଛି।

ରାଉରକେଲା ଏସ୍‌ପି ୱାଧୱାନୀ ସୂଚନା ପ୍ରଦାନ କରି କହିଥିଲେ, ଏକ ଗୁପ୍ତ ସୂଚନା ଆଧାରରେ ପୋଲିସ ଶନିବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢାଉ ସମୟରେ ବହୁ ପରିମାଣର ବେଆଇନ ଓ ନକଲି ଲଟେରି ଟିକେଟ୍ ସହ ୨୫ ଲକ୍ଷ ୩୭ହଜାର ୨ଶହ ୬୦ ଟଙ୍କା, ୮ଟି ମୋବାଇଲ ଫୋନ୍, କମ୍ପ୍ୟୁଟର ସେଟ୍, ପ୍ରିଣ୍ଟର ଜବତ ହୋଇଥିଲା। ଏହି ଘଟଣାରେ ମାଷ୍ଟର ମାଇଣ୍ଡଙ୍କ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଅନ୍ୟ ରାଜ୍ୟରୁ ବିପୁଳ ପରିମାଣର ଲଟେରି ଟିକେଟ୍ ଆଣି ବିକ୍ରି କରୁଥିଲେ। ତଦନ୍ତ ବେଳେ ଏଗୁଡ଼ିକ ନକଲି ବୋଲି ଜଣାପଡ଼ିଛି। ପୋଲିସ ଗୁଇନ୍ଦା ବିଭାଗ ସୂଚନା ଆଧାରରେ ଏହା ଜାଣିବାକୁ ପାଇଲା। ଏହି ର୍‍ୟାକେଟ୍‌ରେ ବିଭିନ୍ନ ଥାନା ଅଞ୍ଚଳରେ ୬୦ରୁ ଊର୍ଦ୍ଧ୍ୱ ଏଜେଣ୍ଟ ସମ୍ପୃକ୍ତ ଅଛନ୍ତି। ଏହାର ଚେର ଅନ୍ୟ ରାଜ୍ୟକୁ ଲମ୍ବିଛି, ଯାହା ତଦନ୍ତ ପରିସରଭୁକ୍ତ ରହିଛି। ୨ଟି ସ୍ଥାନରୁ ୨୫ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ ହୋଇଛି। ହୋଲ୍‌ସେଲରମାନେ ମଧ୍ୟ ସକ୍ରିୟ ଅଛନ୍ତି। ୮ବର୍ଷ ହେଲା ରାଉରକେଲାରେ ଏହି ବେଆଇନ କାରବାର ଚାଲୁଥିଲା। ୨୦୦୮ରୁ ଓଡ଼ିଶାରେ ଏହି ର୍‍ୟାକେଟ ସକ୍ରିୟ ଅଛି। ଆୟକର ବିଭାଗକୁ ଏ ନେଇ ସୂଚନା ଦିଆଯିବ। ପ୍ରତ୍ୟେକ ଏଜେଣ୍ଟ ଦୈନିକ ୨୮ହଜାର ଟଙ୍କାର ଟିକେଟ୍ ବିକ୍ରି କରୁଥିଲେ। ତେବେ ଉକ୍ତ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟ ଏବଂ ସେମାନଙ୍କ ନେଟୱର୍କ ବିଷୟରେ ତଦନ୍ତ କରାଯାଉଛି ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ସୁନ୍ଦରଗଡ,୨୦।୧୨(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ପୂର୍ବତନ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଓ ପୌରାଧକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷା ବବିତା ଭିତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କ୍ରୀଡା ସଂସଦର ସହ ଉପଦେଷ୍ଟା ମେରୀରୋଜ ଲାକ୍ରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାଧାପକ ଆଲୋକ କୁମାର ନାଏକ, ରତ୍ନେଶ ରଞ୍ଜନ, ସେକସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ନୂତନ ଖମାରୀ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ରୋହିତ ଖାଲକୋ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ମୋଟ ୫୦ଟି ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବରିଷ୍ଠ ବର୍ଗ ବାଳକ ବିଭାଗରେ ଆଜାଦ ଓରାମ ଏବଂ ବାଳିକା ବିଭାଗରେ ପ୍ରିୟା ସୋରେନ ଚାମ୍ପିୟନ ହୋଇଛନ୍ତି। କନିଷ୍ଠ ବିଭାଗ ବାଳକ ବିଭାଗରେ ନିଆଲଜନ ଡୁଙ୍ଗଡୁଙ୍ଗ ଏବଂ କନିଷ୍ଠ ବାଳିକା ବିଭାଗରେ ମାନିନୀ ମହାକୁଲ ଚାମ୍ପିୟନ ହୋଇଛନ୍ତି।

# ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ କର୍ମଶାଳା


କର୍ମଶାଳାରେ ଅତିଥି ଓ ଜୁନିୟର ପରାମର୍ଶଦାତା।

ରାଉରକେଲା,୨୦।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଉଦିତ ନଗରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ (ଉତ୍କର୍ଷ କେନ୍ଦ୍ର)ରେ ଏକଦିବସୀୟ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ନାୟକ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ପରମ ଧର୍ମ ବୋଲି କହିଥିଲେ। କର୍ମଶାଳାରେ ବିଶ୍ରା ଓ ଲାଠିକେଟା ବ୍ଲକର ୬୩ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ସାଧନ କର୍ମୀ ଭାବେ କବିତା ମାହାନ୍ତ, ଆଶିଷ କୁମାର ପ୍ରଧାନ ଏବଂ ହାବିଲ କିଷାନ ଯୋଗଦେଇ ରେଡ୍‌କ୍ରସର ଇତିହାସ, ଫାଷ୍ଟଏଡ୍, ସଡ଼କ ସୁରକ୍ଷା ଓ ଏଚ୍‌ଆଇଭି ଏଡ୍‌ସ ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ବିଶ୍ରା ବ୍ଲକର ଜୁନିୟର ରେଡ୍‌କ୍ରସ ସଂଯୋଜିକା ଆଶାଲତା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଶ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଜୁନିୟର ରେଡ୍‌କ୍ରସମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କର୍ମଶାଳାରେ ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଜୁନିୟର ସଦସ୍ୟ ଚୟନ କରାଯାଇଥିଲା। କର୍ମଶାଳାର ଉଦ୍‌ଯାପନୀ ଦିବସରେ ବିଦ୍ୟୁତ୍ କଲୋନୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍‌ର ମାନବୀୟ ମୂଲ୍ୟବୋଧ ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଖଗେଶ୍ୱର ଭୋଇ, ଅଶୋକ ଗୌଡ, ଦୀପକ ଓରାମ ପ୍ରମୁଖ ସହଯୋଗ କରିଥିଲେ।

# ୧୦ ହଜାର ଟଙ୍କା ଲୁଟି ବୃଦ୍ଧଙ୍କୁ ଛାଡ଼ିଦେଲେ ଦୁର୍ବୃତ୍ତ

## ଚିକିତ୍ସା ଆଳରେ ଭୁବନେଶ୍ୱରରୁ ଆଣିଥିଲେ


ଡାକ୍ତରଖାନା ଶଯ୍ୟାରେ ଅସହାୟ ବୃଦ୍ଧ।

ରାଉରକେଲା, ୨୦।୧୨(ସଙ୍ଗୀତା ଜେନା)

ଅପରେଶନ ସହ ଭଲ ଚିକିତ୍ସା ଆଳ ଦେଖାଇ ୨ଜଣ ଦୁର୍ବୃତ୍ତ ଜଣେ ବୃଦ୍ଧ ସଞ୍ଜୀବ ଦାସଙ୍କଠାରୁ ୧୦ ହଜାର ଟଙ୍କା ଠକି ନେବା ପରେ ତାଙ୍କୁ ଅଧାବାଟରେ ଛାଡି ଚାଲିଯାଇଛନ୍ତି। ବୃଦ୍ଧଙ୍କ ଏଭଳି ଅବସ୍ଥା ଦେଖି ରାଉରକେଲାର ସାମାଜିକ କର୍ମୀ ତାଙ୍କୁ ଉଦ୍ଧାର କରିବା ସହ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଛନ୍ତି। ବୃଦ୍ଧଙ୍କ ସମ୍ପର୍କୀୟଙ୍କ ଠିକଣା ମିଳିବା ପରେ ତାଙ୍କୁ ପଠାଯିବ ବୋଲି ପୋଲିସ କହିଛି।

ବୃଦ୍ଧଙ୍କ କହିବା ଅନୁଯାୟୀ, ସେ ଭୁବନେଶ୍ୱରରେ ରହୁଥିଲେ। ତାଙ୍କର କେହି ସନ୍ତାନ ନାହାନ୍ତି। କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏବେ ବୃଦ୍ଧ ଜଣକ ହର୍ଣ୍ଣିଆ ରୋଗରେ ପୀଡ଼ିତ ଅଛନ୍ତି। ଉକ୍ତ ୨ ଦୁର୍ବୃତ୍ତ ତାଙ୍କୁ ଅପେରଶନ ଓ ଭଲ ଚିକିତ୍ସା ପ୍ରଲୋଭନ ଦେଖାଇ ରାଉରକେଲା ନେଇଆସିଥିଲେ ଏବଂ କୌଶଳ କ୍ରମେ ତାଙ୍କଠାରୁ ୧୦ ହଜାର ଟଙ୍କା ନେଇ ପଳାଇଥିଲେ। ପରେ ବୃଦ୍ଧ ଜଣକ ଅସୁସ୍ଥ ଅବସ୍ଥାରେ ଏକ ଅଟୋରେ ତାଙ୍କର ଜଣେ ପରିଚିତଙ୍କ ଘରକୁ ଯାଉଥିବା ବେଳେ ଅଟୋ ଚାଳକ ମଧ୍ୟ ତାଙ୍କୁ ସେକ୍ଟର-ଡି ବ୍ଲକରେ ଛାଡି ଚାଲିଯାଇଥିଲେ। ସେଠାରେ ସାମାଜିକ କର୍ମୀ ମାନସ ନାୟକଙ୍କ ସହ ବୃଦ୍ଧଙ୍କ ଭେଟ ହୋଇଥିଲା। ତାଙ୍କୁ କଟକରେ ପୁନର୍ବାର ଛାଡିଦେବା ଲାଗି ବୃଦ୍ଧ ନିବେଦନ କରିଥିଲେ। ସାମାଜିକ କର୍ମୀ ନାୟକଙ୍କ ସୂଚନା ଅନୁଯାୟୀ, ବୃଦ୍ଧଙ୍କ କେହି ପରିବାର ଲୋକ ନ ଥିବା ଯୋଗୁ ହସ୍ପିଟାଲରେ ସେବା ପାଉନାହାନ୍ତି। ବୃଦ୍ଧଙ୍କ ଭଉଣୀ କଟକ ସୂତାହାଟରେ ରହୁଥିବାରୁ ତାଙ୍କ ନିକଟରେ ପହଞ୍ଚାଇବାକୁ ନିବେଦନ କରୁଛନ୍ତି ବୋଲି ନାୟକ କହିଥିଲେ। ଏ ନେଇ ରଘୁନାଥପାଲୀ ଥାନାରେ ସୂଚନା ପ୍ରଦାନ କରାଯାଇଛି ବୋଲି ନାୟକ କହିଥିଲେ। ଏ ନେଇ ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କୁ ପଚରାଯିବାରୁ ସେ କହିଲେ, ବୃଦ୍ଧଙ୍କଠାରୁ ଠିକଣା ଯୋଗାଡ଼ କରାଯାଇଛି। ଠିକଣାକୁ ଆଧାର କରି ସେଠାକାର ପୋଲିସକୁ ସୂଚନା ଦିଆଯାଇଛି। ବୃଦ୍ଧଙ୍କୁ କଟକ ପଠାଯିବା ବ୍ୟବସ୍ଥା କରାଯାଉଛି ବୋଲି ସ୍ୱାଇଁ କହିଥିଲେ।

# ପ୍ରଥମ ସନ୍ଧ୍ୟାରେ ନାଟକ 'ଜହର ଜହ୍ନ' ମଞ୍ଚସ୍ଥ


ପ୍ରଥମ ସନ୍ଧ୍ୟାରେ ପରିବେଷିତ ନାଟକର ଦୃଶ୍ୟ।

ରାଉରକେଲା,୨୦।୧୨(ଦିନେଶ ମିଶ୍ର)

## ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ଆର୍‌ଏସ୍‌ପି ଆନୁକୂଲ୍ୟରେ ସ୍ପନ୍ଦନ ଆୟୋଜିତ ୩୬ତମ ସର୍ବଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଡିସେମ୍ବର ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବକୁ ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ ତପନ କୁମାର କାନେକର ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ୱାଟରକ୍ରାଫ୍ଟର ନିର୍ଦ୍ଦେଶିକା ନିହାରିକା ବସ୍ତିଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାପତି ପ୍ରଫେସର ଡ. ସମର ମୁଦାଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଝିଲିମା ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ତଥା ନାଟ୍ୟ ଜହର ଜହ୍ନର ନିର୍ଦ୍ଦେଶକ ସମର ମୁଦାଲିଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ଜହର ଜହ୍ନ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଫେସର ସମର ମୁଦାଲିଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଶକ୍ତି ପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଲୋକରେ ରାକେଶ ଚନ୍ଦ୍ର ଶତପଥୀ ସହଯୋଗ କରିଥିବାବେଳେ କଳାକାର ନୃସିଂହ ଚରଣ ବେହେରା ଓ ସଂଗ୍ରାମ ଜେନା ମଞ୍ଚସଜା କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ଶରତ ବରାଳ, ରାଜେଶ ପ୍ରସାଦ, ଅଜିତ କୁମାର ସ୍ୱାଇଁ, ଡ. ସତ୍ୟ ନାରାୟଣ ମିଶ୍ର, ଅଜିତ କୁମାର ବାଡତ୍ୟା, ରମେଶ ଗୌଡ, ଇଶିକା ପ୍ରସାଦ, ଚିନ୍ମୟୀ ବେହେରା, ଅଞ୍ଜଳି ମୁଣ୍ଡାରୀ, ରତ୍ନୁ ମୁଣ୍ଡାରୀ, ରେଣୁକା ମୁଣ୍ଡାରୀ, ଅଞ୍ଜଳି ସାଣ୍ଡିଲ, ନିତ୍ୟାନନ୍ଦ ଜେନା ପ୍ରମୁଖ ଅଭିନୟ କରିଥିଲେ। ସୁଦାମ ମିଶ୍ର, ଶିଶିର ମୁଦାଲି, କ୍ରିଷ୍ଣା ସିଂ, ମିହିର ପରିଜା, ଅମୂଲ୍ୟ ବେହେରା, ନିତ୍ୟାନନ୍ଦ ଜେନା, ବନ୍ଦନା ଦାସ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ସନ୍ଧ୍ୟାରେ ନାଟକ 'କୁହୁଡି' ପରିବେଷିତ ହେବ ବୋଲି ଜଣାପଡିଛି।

# ଶିଳ୍ପ ସୁରକ୍ଷା, କର୍ମଚାରୀ ସଚେତନତାକୁ ଗୁରୁତ୍ୱାରୋପ

ରାଉରକେଲା,୨୦।୧୨(ବିପ୍ଲବ ରଞ୍ଜନ ଦାଶ)

## ଆର୍‌ଏସ୍‌ପିରେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ

ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ରାଉରକେଲା ଡିଭିଜନ ପକ୍ଷରୁ ଆର୍‌ଏସ୍‌ପିର ସିପିଟିଆଇରେ ସମ୍ପଦ, କର୍ମଚାରୀ ସୁରକ୍ଷା ଏବଂ ଇଣ୍ଡକ୍ସନ ଫର୍ନେସରେ ସୁରକ୍ଷିତ କାର୍ଯ୍ୟ ଶୀର୍ଷକ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଆର୍‌ଏସ୍‌ପି ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିପିନ କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସ ବିଭାଗର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ, ସ୍ୱରାଜ ତ୍ରିପାଠୀ ଏବଂ ଆର୍‌ଏସ୍‌ପି ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଓ ଜାତୀୟ ସୁରକ୍ଷା ପରିଷଦ ଓଡିଶା ଅଧ୍ୟାୟ ସମ୍ପାଦକ ଏମ୍. ମୋହିନୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ବିଭିନ୍ନ ଶିଳ୍ପ ଉଦ୍ୟୋଗରୁ ପ୍ରାୟ ୮୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଆର୍‌ଏସ୍‌ପି ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଗିରି ଇଣ୍ଡକ୍ସନ ଫର୍ନେସ ଭଳି ଉଚ୍ଚ ବିପଦଯୁକ୍ତ କାର୍ଯ୍ୟରେ ସୁରକ୍ଷା ବୃଦ୍ଧି କରିବା ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପ୍ରକାଶ କରିଥିଲେ। ବିଭୁ ପ୍ରସାଦ ଓଡ଼ିଶାର ଶିଳ୍ପ ସୁରକ୍ଷା ମାନଦଣ୍ଡକୁ ସୁଦୃଢ କରିବା ପାଇଁ ସକ୍ରିୟ ପଦକ୍ଷେପ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିବା ସହିତ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶୁଭେନ୍ଦୁ ଶେଖର ରାଉତ ସମାବେଶକୁ ସ୍ୱାଗତ କରିଥିବାବେଳେ ସ୍ୱରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏସ୍‌ପି ଏବଂ ରୁଙ୍ଗଟା କାମଣ୍ଡା ଇସ୍ପାତ କାରଖାନାର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି, ଓରିଟେକ ସଲ୍ୟୁଶନ୍ସ, ମହାବୀର ଫେରୋ ଆଲୟ ଏବଂ ରୁଙ୍ଗଟା କାମଟା ଷ୍ଟିଲ ପ୍ଲାଣ୍ଟର ଶିଳ୍ପ ବିଶେଷଜ୍ଞମାନେ ବୈଷୟିକ ଅଧିବେଶନ ନେଇଥିଲେ। ସୁରକ୍ଷା ବିଭାଗ ସହକାରୀ ପ୍ରବନ୍ଧକ ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଗଣ।

## ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ

ରାଉରକେଲା, ୨୦।୧୨(ସଙ୍ଗୀତା ଜେନା): ସେକ୍ଟର-୧୫ ଥାନା ଅନ୍ତର୍ଗତ ଏଚ୍ ବ୍ଲକରେ ଶନିବାର ଅପରାହ୍ନ ୨ଟାରେ ଜଣଙ୍କ ଘରେ ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି କ୍ଷତିଗ୍ରସ୍ତ ହୋଇନାହାନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସ୍ ସିଲିଣ୍ଡରକୁ ବ୍ୟବହାର ପାଇଁ ଓଲଟା ରଖାଯାଇଥିଲା। ଫଳରେ ଅଗ୍ନିକାଣ୍ଡ ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# କ୍ରୀଡ଼ା ମାନସିକ, ଶାରୀରିକ ସ୍ତରରେ ପାରଙ୍ଗମ କରାଏ

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଉରକେଲା,୨୦।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଉଦିତ ନଗରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚାଲିଥିବା ତ୍ରିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଓ ଅଲିମ୍ପିକ୍ସ ଡେ ଭେଲ୍ୟୁ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ନାୟକ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ହାଇସ୍କୁଲ ଛାତ୍ର ସଂସଦର ପୂର୍ବତନ ସମ୍ପାଦକ ଅଜୟ କୁମାର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ କ୍ରୀଡ଼ା ମାନସିକ ଓ ଶାରୀରିକ ସ୍ତରରେ ପାରଙ୍ଗମ କରାଏ, କ୍ରୀଡା ନେତୃତ୍ୱ ନେବାର କୌଶଳ ଶିଖାଏ, ଏଣୁ ଯୁବପିଢି କ୍ରୀଡ଼ା ପ୍ରତି ବିଶେଷ ରୁଚି ରଖିବା ଆବଶ୍ୟକ ବୋଲି କହିଥିଲେ। ଏହି ତ୍ରିଦିବସୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୪୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ୧୩୫ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ହାଇସ୍କୁଲର ବାର୍ଷିକ ଉତ୍ସବ ଦିବସରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ପ୍ରତିଯୋଗିତା ଆୟୋଜନରେ ସାନିଆ କୁମ୍ଭାର, ସାଲୋନୀ ଓରାମ, ଚନ୍ଦ୍ରକାନ୍ତ ତିର୍କୀ, ଯଜ୍ଞିନ ବଡାଇକ ଓ ମହମ୍ମଦ ସମିରା ସକ୍ରିୟ ସହଯୋଗ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷକ ଆଶିଷ କୁମାର ପ୍ରଧାନ ଓ ସୁଶ୍ରି ସରସ୍ୱତୀ ଓରାମ କ୍ରୀଡ଼ା ପରିଚାଳନା କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଯାପନ କରାଯାଉଛି।

## ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ

# ସେମିରେ ଝାରସୁଗୁଡ଼ା

ରାଉରକେଲା,୨୦।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୯ତମ ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ସମ୍ବଲପୁର ରେଙ୍ଗାଲି ଓ ଝାରସୁଗୁଡା ପ୍ରୋଗ୍ରେସିଭ୍ ଦଳ ମଧ୍ୟରେ ଖେଳାଯାଇଥିଲା। ଝାରସୁଗୁଡା ପ୍ରୋଗ୍ରୋସିଭ ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରେଙ୍ଗାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୨୧୩ ରନ୍ କରିଥିଲା। ଦଳ ପକ୍ଷରୁ ଶପଥ ନାୟକ ଧୁଆଁଦାର ବ୍ୟାଟିଙ୍ଗ କରି ମାତ୍ର ୨୬ଟି ବଲ ଖେଳି ସର୍ବାଧିକ ୫୬ ରନ କରିଥିଲେ। ଜବାବରେ ଝାରସୁଗୁଡା ପ୍ରୋଗ୍ରେସିଭ୍ ଦଳ ୨୭ ଓଭରରେ ଗୋଟିଏ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅରନବ ମହାନ୍ତେ ୮୧ଟି ବଲ ଖେଳି ସର୍ବାଧିକ ୯୯ ରନ କରିଥିବାବେଳେ ସନ୍ତୋଷ କୁମାର ଯାଦବ ୮୨ଟି ବଲ ଖେଳି ୯୨ ରନ କରିଥିଲେ। କ୍ରୀଡାବିତ୍ ନିମାଂଶୁ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ କୁମାର ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଶନି ତିର୍କୀ ଓ ନିରୋଜ ସାହୁ ମ୍ୟାଚ୍ ଏବଂ ବିଷ୍ଣୁକମଳ ବେଉରିଆ ଓ ଅଜୟ ମାହାତୋ ରନ୍ ତଦାରଖ କରିଥିଲେ। ରବିବାର ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଝାଡ଼ଖଣ୍ଡ ରାଞ୍ଚିର ସୋନେଟ୍ ଓ ରାଉରକେଲା ସ୍ପୋର୍ଟସ୍ ଆସୋସିଏଶନ (ଆରଏସ୍ଏ) ମଧ୍ୟରେ ଖେଳାଯିବ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

# ହାତୀଠୁ ସୁରକ୍ଷିତ ରହିବାକୁ ସଚେତନକଲା ବନ ବିଭାଗ

ରାଉରକେଲା,୨୦।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ବନଖଣ୍ଡ ପକ୍ଷରୁ ପାନପୋଷ ରେଞ୍ଜରେ ଶନିବାର ହାତୀଠାରୁ ସୁରକ୍ଷିତ ରହିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବନ୍ଧମୁଣ୍ଡା ବଜାର, ସାରନଗରୀ ପରିବା ବଜାର, ସୁଇଡ଼ିହି ହାଟ ଆଦି ସ୍ଥାନରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଲାଠିକଟା ଫରେଷ୍ଟର ଶୁଳପାଣି ଦାସ, ଫରେଷ୍ଟ ଗାର୍ଡ ସଂଘମିତ୍ରା ଓ ଗଜସାଥୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମସ୍ଥଳରେ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ। ବିଶେଷ କରି ଭୋର ସମୟରେ ଶୌଚ କିମ୍ବା ବାହାରକୁ ଯାଉଥିବା ବେଳେ ମହିଳା ଓ ବ୍ୟକ୍ତି ବିଶେଷ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରୁଥିବାର ନଜିର ଥିବାରୁ ଏଥିପ୍ରତି ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏ ନେଇ ପଥପ୍ରାନ୍ତ ନାଟକ ମାଧମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ କଳାକାର। ହାତୀ ଦାଉରୁ ଧନଜୀବନ ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ଧାରୁଆ ଓ ଭୋର୍ ସମୟରେ ଶୌଚ ପାଇଁ ପଦାକୁ ଗଲେ ସତର୍କତା ଅବଲମ୍ବନ କରିବା, ହାତୀ ଜନସମ୍ମୁଖୀନ ହେଲେ ତା ସମ୍ମୁଖକୁ ନ ଯିବା, ତାକୁ ଆକ୍ରମଣ ନ କରିବା, ହାତୀକୁ ବିଚଳିତ ନ କରି ବନ ବିଭାଗକୁ ସୂଚନା ଦେବା, ହାତୀ ଯୋଗୁ ଧନ ଜୀବନ କ୍ଷତି ହେଲେ ଏଥିପାଇଁ ରହିଥିବା କ୍ଷତିପୂରଣ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଚାଷୀ ଓ ଗ୍ରାମବାସୀ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବେ ସୌର ବାଡ଼ ନିର୍ମାଣ ପାଇଁ ରହିଥିବା ପ୍ରୋତ୍ସାହନ ରାଶି ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା।


ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

**ଦୁର୍ଘଟଣା ପରେ ଜଳିଗଲା କୋଇଲା ବୋଝେଇ ଟ୍ରକ**

ବେଲପାହାଡ,(ସୁବାସ ପ୍ରଧାନ): ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ରମ୍ପେଲା ବ୍ରିଜ ଉପରେ ଶନିବାର ସକାଳେ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ବ୍ରିଜର କାନ୍ଥରେ ପିଟି ହୋଇଯାଇଥିଲା। ଫଳରେ ଇଞ୍ଜିନରେ ନିଆଁ ଲାଗି ଧୀରେ ଧୀରେ ଟ୍ରକ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ନିକଟରେ ଥିବା ଏକ କମ୍ପାନୀଙ୍କୁ କୋଇଲା ଆଣୁଥିବା ବେଳେ ଟ୍ରକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଓହ୍ଲାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବନହରପାଲି ପୋଲିସ ଓ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି।

# ଉନ୍ନତିର ଶିଖର ଛୁଇଁବ ଝାରସୁଗୁଡ଼ା: ମନ୍ତ୍ରୀ ହରିଚନ୍ଦନ



କାର୍ଯ୍ୟକ୍ରମରେ ପୂର୍ତ୍ତ ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ୫ ଶହ ୫୨ କୋଟି ମଞ୍ଜୁର**

ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସିଥିଲେ। ପୂର୍ତ୍ତ ମନ୍ତ୍ରୀ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ସହର ପଞ୍ଚପଡ଼ା ବିଦ୍ୟାନଗରଠାରେ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ୫ ଶହ ୫୨ କୋଟି ଟଙ୍କାର ପ୍ରକଳ୍ପ ପୂର୍ତ୍ତ ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଶନିବାର ୩୯ ପ୍ରକଳ୍ପ ପାଇଁ ୩ ଶହ ୪୩ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି। ଏସବୁ ମଧ୍ୟରେ ବିଭିନ୍ନ ଛୋଟ ବଡ଼ ରାସ୍ତା, ବ୍ରିଜ୍ ଏବଂ ଡ୍ରେନ୍ ନିର୍ମାଣ ପ୍ରକଳ୍ପ ରହିଛି। ଝାରସୁଗୁଡ଼ା ଗ୍ରାମାଞ୍ଚଳର ୬ଟି ପ୍ରକଳ୍ପ ପାଇଁ ୪୬ କୋଟି, ଝାରସୁଗୁଡା ପୌରାଞ୍ଚଳର ୩ଟି ପ୍ରକଳ୍ପ ପାଇଁ ୧୯ କୋଟି, କିର୍ମିରା ବ୍ଲକର ୧୦ଟି ପ୍ରକଳ୍ପ ପାଇଁ ୮୬ କୋଟି, ଲଇକେରା ବ୍ଲକର ୧୬ଟି ପ୍ରକଳ୍ପ ପାଇଁ ସର୍ବାଧିକ ୧୫୦ କୋଟି ଏବଂ କୋଲାବିରା ବ୍ଲକର ୪ଟି ପ୍ରକଳ୍ପ ଲାଗି ୪୧ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ପୂର୍ତ୍ତ ମନ୍ତ୍ରୀ ଶିଳାନ୍ୟାସ କରିଥିବା ଯୋଜନାଗୁଡିକ କିପରି ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ଏବଂ ସେଥିରୁ ଲୋକମାନେ କିପରି ଫାଇଦା ପାଇପାରିବେ ସେ ନେଇ ମତବ୍ୟକ୍ତ କରିବା ସହ ଆଗାମୀ କିଛିବର୍ଷ ମଧ୍ୟରେ ଝାରସୁଗୁଡା ଉନ୍ନତିର ଶିଖର ଛୁଇଁବ ବୋଲି ମତପ୍ରକାଶ କରିଛନ୍ତି। ଏହାସହ ପଞ୍ଚପଡ଼ା ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ମନ୍ତ୍ରୀ ଏବଂ ଝାରସୁଗୁଡା ବିଧାୟକ ଫଳ ଓ ଶାଲ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ ମନ୍ତ୍ରୀ ହରିଚନ୍ଦନ, ଝାରସୁଗୁଡା ବିଧାୟକ ତ୍ରିପାଠୀ, ଝାରସୁଗୁଡା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ପିଡବ୍ଲ୍ୟୁଡିର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ୍ ପଟେଲ ପ୍ରମୁଖଙ୍କ ସହ ବହୁ ଜିଲାସ୍ତରୀୟ ଅଧିକାରୀ ଓ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ମାନସିକତାରେ ପରିବର୍ତ୍ତନ ଜରୁରୀ

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ)

ବିକଶିତ ଭାରତ ଗଠନ ପାଇଁ ଛାତ୍ରୀଛାତ୍ରଙ୍କ ଉନ୍ନତି ଜରୁରୀ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ମାନସିକତାରେ ପରିବର୍ତ୍ତନ ନିହାତି ଅପରିହାର୍ଯ୍ୟ। ଏହା କେବଳ ଶିକ୍ଷୟିତ୍ରୀଶିକ୍ଷକ କରିପାରିବେ ବୋଲି ଶନିବାର ଅପରାହ୍ନରେ ପୁରାନାବସ୍ତି ପିଏମଶ୍ରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲାରେ ଶିକ୍ଷାର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଥିବା ନେଇ ସୂଚନା ଦେବ ସହ ପୁରୁଣାବସ୍ତି ହାଇସ୍କୁଲର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ତ୍ତ ମନ୍ତ୍ରୀ ଓ ବିଧାୟକ ତ୍ରିପାଠୀ ସ୍କୁଲର ନୂତନ କୋଠରୀର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର କଲେଜର ପୂର୍ବତନ ଅଧ୍ୟାପକ ବିଶ୍ୱଜିତ ଖମାରି, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡାଡ଼ିଆ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଅଶୋକ ମହାପାତ୍ର, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ଶେଷରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହ କେଦାର ପଟେଲଙ୍କ ଦ୍ୱାରା ସମ୍ବଲପୁରୀ କମେଡି ଶୋ, ହିଟ ବୋୟସ ସଂସ୍ଥା ପକ୍ଷରୁ ନୃତ୍ୟ, ସେଲଫ ସୁରକ୍ଷା ଉପରେ ଡେମୋ ଏବଂ ମ୍ୟାଜିକ ଶୋ ଆୟୋଜନ କରାଯାଇଥିଲା।

## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

**ବେଆଇନ ମଦ ଚୋରି ମାମଲା**

ଝାରସୁଗୁଡ଼ା ଜିଲା ଲଖନପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବେଆଇନ ମଦ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଶନିବାର ୩ ବର୍ଷ ଜେଲଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଘଟଣା ଅନୁସାରେ, ଲଖନପୁର ବ୍ଲକ ବାଣୀପାହାଡ଼ ଗାଁର ଉମେଶ ଭୋଇ(୪୦) ୨୦୨୨ ସେପ୍ଟେମ୍ବର ୧୬ରେ ଏକ ଜରି ବ୍ୟାଗ୍‌ରେ ବେଆଇନ ଭାବେ ୧୨ ଲିଟର ଦେଶୀମଦ ନେଇ ଯାଉଥିବା ବେଳେ ବାଣୀପାହାଡ଼ ବସ୍‌ଷ୍ଟାଣ୍ଡ ଛକ ନିକଟରେ ଅବକାରୀ ବିଭାଗ ତାଙ୍କୁ ଧରିଥିଲା, ଯାହାକୁ ନେଇ ଲଖନପୁର ଥାନାରେ କେସ୍ ନଂ.୧୯୬/୨୦୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଲଖନପୁର ଥାନା ଏଏସ୍‌ଆଇ ସୁବ୍ରତ ହାରା ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଚାର୍ଜଶିଟ୍ ଦାଖଲ କରିଥିଲେ। ଶନିବାର ଅପରାହ୍ନରେ ଲଖନପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏହି ମାମଲାର ବିଚାରକରି ଅଭିଯୁକ୍ତ ଉମେଶଙ୍କୁ ୩ ବର୍ଷ ଜେଲ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମୁରଲୀଧର ନାଇକ ପରିଚାଳନା କରିଥିଲେ।

## ପ୍ରଶାସନ ଓ ଭାଜପା କଥାରେ ତାଳମେଳ ନାହିଁ

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝଙ୍କର)

**ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗ**

**କାହାର କଥା ଠିକ୍ ବୋଲି ଲୋକଙ୍କ ମନରେ ପ୍ରଶ୍ନ**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ତେଜିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦେବଗଡ଼ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଜନ ଆନ୍ଦୋଳନ ଦିନକୁ ଦିନ ତୀବ୍ରତର ହେଉଛି। ଦେବଗଡ ଜିଲା ଯୁବ ଏକତା ମଞ୍ଚ ଓ ଜିଲା ମହିଳା ମଞ୍ଚ ପକ୍ଷରୁ ଦେବଗଡ ଦୁଇଥର ବନ୍ଦ ଡାକରା ଦେଇ ସାରିଛି, କିନ୍ତୁ ସନ୍ତୋଷଜନକ ଦାବି ପୂରଣ ନ କରି ଦେବଗଡବାସୀଙ୍କୁ ବିଭ୍ରାନ୍ତ କରାଯାଉଛି। ପ୍ରଶାସନ ଓ ଭାଜପା କଥା ତାଳ ମେଳ ନାହିଁ। କିଏ ଠିକ କହୁଛି ବର୍ତ୍ତମାନ ଦ୍ୱନ୍ଦରେ ଜିଲାବାସୀ। ଆଶ୍ଚର୍ଯ୍ୟ କଥା ଦାବି ପୂରଣ ହେଲା ଓ ପୁରୁଣା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ବୋଲି ଦୁଇଟା ଲେଖା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମିଳିଛି। ଭାଜପା ସଭାପତି ପ୍ରେସ ବିଜ୍ଞପ୍ତି ଦେଲେ ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ତକ୍ଷେପ କରି କୁଆଡେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେବଗଡ ଜିଲାପାଳଙ୍କୁ ୩ଟା ଡାକ୍ତର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ଜିଲା ପ୍ରଶାସନ ପକ୍ଷରୁ ଡିଆଇପିଆର୍‌ଓ ମନୋରଞ୍ଜନ ସୂତାର ସୂଚନା ଦେଇଛନ୍ତି ଯେ, କୁଆଡେ ଦୁଇଟା ଡାକ୍ତର ନିଯୁକ୍ତି ହେବେ। ହେଲେ ଏଇଠି କଥା ଉଠୁଛି ଯେ ଭାଜପା କଥା ସତ କି ଜିଲା ପ୍ରଶାସନ କଥା ସତ ଲୋକେ ପ୍ରଶ୍ନ କରୁଛନ୍ତି। ପ୍ରକୃତରେ ୨ଜଣ ନା ୩ଜଣ ଡାକ୍ତର ନିଯୁକ୍ତି ହେବେ ନା ଆଦୌ ହେବେ ନାହିଁ ତାହା ଆଗକୁ ଜଣାପଡ଼ିବ।

**ସଂକ୍ଷେପରେ**

### ଆଜି ଉପମୁଖ୍ୟମନ୍ତ୍ରୀଙ୍କ କୋଲାବିରା ଗସ୍ତ

କୋଲାବିରା,୨୦।୧୨(ସଞ୍ଜୟ ପୂଜାରୀ)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରବିବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି କୋଲାବିରା ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ମଣ୍ଡଳ ସଭାପତି ରାଜେଶ ଦାଶ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସହ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରବିବାର ସକାଳ ୧୦ଟାରେ ମନ୍ତ୍ରୀ ଓ ବିଧାୟକ କୋଲାବିରାରେ ପହଞ୍ଚିବେ ଓ କୋଲାବିରା ଜଗନ୍ନାଥ ମନ୍ଦିର ସମ୍ମୁଖରେ ବୀର ମାଟିର ବରପୁତ୍ର ସ୍ୱର୍ଗତ ସହୀଦ କରୁଣାକର ସିଂହ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। କରୁଣାକର ସିଂହ ନାୟକ ପାର୍କରୁ କୋଲାବିରା ଶନି ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରି କୋଲାବିରା ଶନି ମନ୍ଦିର ପ୍ରାଙ୍ଗଣରେ ହେବାକୁ ଥିବା ଜନଶୁଣାଣୀ ଓ ସାଧାରଣ ଅଭିଯୋଗ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୧ଟାରେ ପୋଖରାସାଲହେରେ ନବନିର୍ମିତ ୩୩/୧୧ କେଭି ବିଦ୍ୟୁତ୍ ଗ୍ରିଡ ସବ୍‌ଷ୍ଟେଶନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମଣ୍ଡଳ ସଭାପତି ଦାଶ ସୂଚନା ଦେଇଛନ୍ତି।

### ଆଜି ଲାଲ୍ ପାଏନ୍ ନାଟକର ୨ଶହତମ ଶୋ'ର ହେବ ପ୍ରଦର୍ଶନ

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

ହୀରାକୁଦ ବିସ୍ଥାପିତଙ୍କ କରୁଣ କାହାଣୀକୁ ନେଇ ବେଲପାହାଡ଼ ମିରର୍ ଥିଏଟର୍‌ର ସୁପ୍ରସିଦ୍ଧ ନାଟକ 'ଲାଲ୍ ପାଏନ୍'ର ୨୦୦ତମ ଶୋ' ପ୍ରଦର୍ଶନ ଡିସେମ୍ବର ୨୧ ସନ୍ଧ୍ୟାରେ ବେଲପାହାଡ଼ ସ୍ଥିତ ନିଜସ୍ୱ ମଞ୍ଚରେ ମଞ୍ଚସ୍ଥ କରାଯିବ। ଏହି ଐତିହାସିକ ନାଟକଟି ଦେଶ ଓ ବିଦେଶରେ ପ୍ରଦର୍ଶନ ହୋଇ ବହୁ ସଫଳତା ପାଇଥିବା ବେଳେ ଦର୍ଶକଙ୍କ ହୃଦୟ ଜିତିପାରିଛି। ମିରର୍‌ଥିଏଟର୍‌ର ନିର୍ଦ୍ଦେଶକ ତଥା ଲେଖକ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ସମେତ ଡା. ଶ୍ୟାମସୁନ୍ଦର ପାଣ୍ଡେ, ଗୌରୀଶଙ୍କର କୁମ୍ଭାର, ସନ୍ତୋଷ ସାହୁ, ସରୋଜ କୁମାର ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ, ବିନୟ ପ୍ରଧାନ ପ୍ରମୁଖ ନାଟକ କିପରି ସୁନ୍ଦର ଭାବେ ପ୍ରଦର୍ଶିତ ହୋଇପାରିବ ସେଥିପ୍ରତି ଯତ୍ନବାନ୍ ଥିବା ସୂଚନା ଦେଇଛନ୍ତି। ନାଟକ 'ଲାଲ୍ ପାଏନ୍'ର ୨୦୦ତମ ଶୋ' ଅବସରରେ ଓଡ଼ିଶାର ୩ ବିଶିଷ୍ଟ କଳାକାରଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ ନାଟ୍ୟକାର ସତ୍ୟରଞ୍ଜନ ବେହେରା, ଭାସ୍କର ମହାପାତ୍ର ଓ ସୁପ୍ରସିଦ୍ଧ ସମ୍ବଲପୁରୀ ଗାୟକ ଶତ୍ରୁଘ୍ନ ଲୁହାଙ୍କୁ ସମ୍ମାନିତ କରାଯିବ। ମିରର୍ ଥିଏଟର୍ ତଥା ନାଟକ 'ଲାଲ୍ ପାଏନ୍'ର ସଂଘର୍ଷ, ପ୍ରସ୍ତୁତି ଓ ସଫଳତାକୁ ନେଇ ଏହି ପ୍ରଦର୍ଶନୀ କରାଯିବ, ଯେଉଁଥିରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କୋଲାବିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

କୋଲାବିରା,୨୦।୧୨(ସଞ୍ଜୟ ପୂଜାରୀ)

କୋଲାବିରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଦୀପକ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି କ୍ରୀଡାର ଶୁଭାରମ୍ଭ କରିଥିଲେ। ଶାରୀରିକ କ୍ରୀଡା ଅଧ୍ୟାପକ ରାଜେଶ ପଟେଲ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଉଦ୍‌ଘାଟନ ପରେ ବିଭିନ୍ନ ଖେଳ କୁଦ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ରିତେଶ ବେହେରା ଓ କୁନାଲ ଭୋଇ ଏବଂ ବାଳିକା ବିଭାଗରେ ପୂଜା ଓରାମ ଓ ମାନସୀ କିସାନ ଯୁଗ୍ମ ଭାବରେ ଚାମ୍ପିୟନ ହୋଇଥିଲେ। ଏଥିରେ ଅଧ୍ୟାପିକା ଶୋଭାରାଣୀ ସିଂ, ଭାରତୀ ପଟେଲ, ସୁଷମା ପାଣ୍ଡେ, ମମତା ଉର୍ମା, ସୁମିତ୍ରା ନାୟକ, ମନୀଷା ନାଏକ, ଅଧ୍ୟାପକ ସୁରେନ ପଧାନ, ପ୍ରଦୀପ ମିଶ୍ର, ମାନସ ପୁରୋହିତ, ତପନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପିଇଟି ରାଜେଶ ପଟେଲଙ୍କ ସହ ପିଇଟି ରବୀନ୍ଦ୍ର ଟଣ୍ଡକାର ଓ ନେତ୍ରବତୀ ନାୟକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବି . ଆର . ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବେଲପାହାଡ, ୨୦।୧୨(ସୁବାସ ପ୍ରଧାନ)

ବେଲପାହାଡ଼ର ୫୫ତମ ବାର୍ଷିକ କ୍ରୀଡ଼ାଉତ୍ସବ ଶନିବାର ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଟିଆରଏଲ କ୍ରୋସାକୀ କମ୍ପାନୀର ଏଭିପି ମନୋଜ କୁମାର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସକୁ ଉଦ୍‌ଘାଟନ କରିଥିଲେ। ବିଜେତା ଖେଳାଳୀଙ୍କୁ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟା ସଂଯୁକ୍ତା ସାଏ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଟିଆରଏଲ କ୍ରୋସାକୀ କମ୍ପାନୀର ଏଭିପି ତଥା ଏହି ବିଦ୍ୟାଳୟ ପରିଚାଳନା ସମିତି ଉପ ସଭାପତି ଶୁଭାଶିଷ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚାସୀନ ଥିବା ବିଦ୍ୟାଳୟର ସମ୍ପାଦକ ବିଜନୁ ନାୟକ, ସିଏସଓ ସୁରେଶ ନାଏକ ତଥା ପୁରାତନ ଛାତ୍ର,ବିଶ୍ୱ ଭିନ୍ନକ୍ଷମ ଖେଳକୁଦରେ ଭାଗ ନେଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଆଣିଥିବା ଛାତ୍ର ଗୋବିନ୍ଦ ଦୁବେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଯମୁନା ହାଉସ ଦଳଗତ ବିଜେତା ହୋଇଥିବା ବେଳେ ଗଙ୍ଗା ହାଉସ ଉପ ବିଜେତା ଭାବେ ପୁରସ୍କୃତ ହୋଇଥିଲେ। ସମସ୍ତ ଖେଳକୁଦକୁ କ୍ରୀଡ଼ା ଶିକ୍ଷକ ତଥା ଯୁଗ୍ମ ସହକାରୀ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ବେହେରା ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର ପରିଚାଳନା କରିଥିଲେ। ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦାନ୍ତ ଆଲୁମିନିୟମର ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ



ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ମିଳିତ ଭାବରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ଆରମ୍ଭ କରିଛନ୍ତି। ଝାରସୁଗୁଡ଼ାର କୋଇଲିଘୁଘର ଜଳପ୍ରପାତରେ 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ସ୍ପଟ୍' ଅଭିଯାନ ଅଧୀନରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ଦୂରକରିବା ପାଇଁ ସ୍ଥାନରୁ ପ୍ଲାଷ୍ଟିକ୍ ଆବର୍ଜନା ସଫେଇ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା, ସାଂସ୍କୃତିକ ପ୍ରଦର୍ଶନ ଏବଂ ଜଙ୍ଗଲ, ଜଳାଶୟ ଏବଂ ବନ୍ୟପ୍ରାଣୀ ଉପରେ ପ୍ଲାଷ୍ଟିକ୍ ପ୍ରଦୂଷଣର ଦୀର୍ଘକାଳୀନ ପରିବେଶଗତ ପ୍ରଭାବ ଉପରେ ଆଲୋକପାତକରି ଏକ ନୁକ୍କଡନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ୫ ସ୍କୁଲର ୧୨୦ ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ କର୍ମଚାରୀ ସାମିଲ ହୋଇଥିଲେ। ଝାରସୁଗୁଡ଼ା ଜିଲାପାଳ କୁନାଲ ମୋତିରାମ ଚଭନ, ଝାରସୁଗୁଡ଼ା ଡିଏଫ୍‌ଓ ମନୁ ଅଶୋକ ଭଟ୍ଟ ଏବଂ ଓଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ହିରଣ୍ୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ସ୍ପଟ୍ -୨୦୨୫' ଭଳି ପଦକ୍ଷେପଗୁଡ଼ିକୁ ସମର୍ଥନ କରି ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛୁ।

## ନାରାୟଣ ଦୀକ୍ଷିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରଜରାଜନଗର,୨୦।୧୨(ବିଜୟ ବରାଡ଼)

ସ୍ଥାନୀୟ କୁଡ଼ୋପାଲି ପଞ୍ଚାୟତରେ ଥିବା ନାରାୟଣ ଦୀକ୍ଷିତ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଖୋଲା ମୁହିଁ ଖଣି ପ୍ରୋଜେକ୍ଟ ମ୍ୟାନେଜର କହ୍ନେୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ଦୁଃଖିତ, ପଞ୍ଚାୟତ ଇଓ ଦୀନେଶ ସୁନାନି ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏମ୍‌ସିଏଲ ଦ୍ୱାରା ସମ୍ଭବ ସ୍କୁଲ୍‌କୁ ସହାୟତା ପ୍ରଦାନ କରାଯିବ ବୋଲି ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ ପାତ୍ର ପରିଚାଳନା କରିଥିବା ବେଳେ ରାଜକୁମାରୀ ନାୟକ, ପୂଜା ବେହେରା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ଅମୂଲ୍ୟ ମଞ୍ଜରୀ ସେଟ୍ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋକ୍‌ସୋ ଆଇନ ଉପରେ ଏକଦିବସୀୟ କର୍ମଶାଳା

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସାଂପ୍ରତିକ ସମୟରେ ପୋକ୍‌ସୋ ଆଇନର ଆବଶ୍ୟକତା ଉପରେ ଏକଦିବସୀୟ କର୍ମଶାଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଲେଜର ଯୌନ ନିର୍ଯାତନା ପ୍ରତିରୋଧ ବିଭାଗ, ଜାତୀୟ ସେବା ସଂସ୍ଥା, ରେଡ୍‌କ୍ରସ୍, ନାରୀ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଲୋକମୟୀ ପ୍ରଧାନ, ଜିଲା ଲୋକ ଅଦାଲତର ସ୍ଥାୟୀ ବିଚାରପତି ଅଶ୍ୱିନୀ ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ପୋଲିସ ଡିଏସ୍‌ପି ମମତା ହାଁସ୍‌ଦା ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରାଧ୍ୟାପିକା ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ବ୍ରଜେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଛାତ୍ରୀଛାତ୍ର ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝଙ୍କର)



ବାର୍ଷିକ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଲଇମୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ**

ତିଲେଇବଣି ବ୍ଲକ ଲଇମୁରା ପିଏମଶ୍ରୀ ଜନତା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ତଥା ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ଆତ୍ମନିର୍ଭରଶୀଳ ହୋଇ ଭବିଷ୍ୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ଏମପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ରାଜ୍ୟ ତଥା କେନ୍ଦ୍ର ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ତିଲେଇବଣୀ ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ରାଜେଶ କୁମାର ମହାନାୟକ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଲଇମୁରା ସରପଞ୍ଚ ପ୍ରମିଳା କିସାନ, ପୂର୍ବତନ ଛାତ୍ର ସଂସଦ ସଭାପତି ଲୋକନାଥ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧକ୍ଷା ଲିଲି ସୁଶାନ୍ତ ହେମରମ, ପରିଚାଳନା ସମିତି ସଭାପତି କ୍ଷମାସାଗର ନାଏକଙ୍କ ସମେତ ଅନୁଷ୍ଠାନର ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

